## ସଂକ୍ଷେପରେ

### ଶନିବାର ପଞ୍ଚାୟତ ସମିତି କାର୍ଯ୍ୟାଳୟରେ କାମ ବନ୍ଦ
### ବିଡିଓ ନ ଥିଲେ ଅଧିକାରୀ, କର୍ମଚାରୀଙ୍କ ଦେଖା ମିଳୁନି

ଚନ୍ଦ୍ରପୁର,୯।୮(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ଏକ ଅନୁନ୍ନତ ଅଞ୍ଚଳ ଭାବେ ପରିଚିତ। ନେଟ୍‌ୱର୍କ ସମସ୍ୟା ସହ ବିଭିନ୍ନ ଉନ୍ନୟନ କାର୍ଯ୍ୟରେ ମଧ ବ୍ଲକ ପଛୁଆ। ଏଠାରେ ଜିଲା ପ୍ରଶାସନିକ ଅଧିକାରୀଙ୍କ ପ୍ରାୟତଃ ଦେଖା ମିଳେନାହିଁ। ତେଣୁ ସରକାରୀ କାର୍ଯ୍ୟାଳୟରେ ମଧ କାର୍ଯ୍ୟରେ ଅବହେଳା କରାଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଶନିବାର ଚନ୍ଦ୍ରପୁର ବ୍ଲକ କାର୍ଯ୍ୟାଳୟ ଖୋଲାଥିଲେ ମଧ ବିଡିଓ କୌଣସି କାମରେ ବାହାରକୁ ଯାଇଥିଲେ। ଏହାର ସୁଯୋଗ ନେଇ ଅନେକ ଅଧିକାରୀ କାର୍ଯ୍ୟାଳୟରେ ଅନୁପସ୍ଥିତ ଥିବା ଦେଖାଯାଇଥିଲା। ମାତ୍ର ଜଣେ ଦୁଇଜଣଙ୍କୁ ବାଦ୍‌ଦେଲେ ଅନ୍ୟ ଅଧିକାରୀ ଏବଂ କିରାଣି କାର୍ଯ୍ୟାଳୟରେ ଉପସ୍ଥିତ ନ ଥିବା ପୂର୍ବତନ ବ୍ଲକ ଅଧକ୍ଷ ତଥା କୋରାପୁଟ ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଭୀମ ଗଗେରଙ୍କା ଅଭିଯୋଗ କରିଛନ୍ତି। ତେବେ ଏହା ନୂଆ ଘଟଣା ନୁହେଁ, ଏଥିପୂର୍ବରୁ ମଧ ଏଭଳି ଅଧିକାରୀ ଏବଂ କର୍ମଚାରୀ ଅନୁପସ୍ଥିତ ରହୁଥିବା ନେଇ ଅଞ୍ଚଳବାସୀଙ୍କ ମଧରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବିଡିଓ ଜର୍ଜ ତୁଙ୍ଗ୍‌ତୁଙ୍ଗ୍‌ଙ୍କୁ ପଚାରିବାରୁ, ସେ ମେଡିକାଲ କାମରେ ବାହାରେ ଥିବା କହିଛନ୍ତି। ତେଣୁ ଅଧିକାରୀ ଏବଂ କର୍ମଚାରୀମାନେ ଯେପରି ଠିକ୍‌ଭାବେ କାମ କରିବେ ଜିଲାପାଳ ସେଥିପ୍ରତି ଦୃଷ୍ଟି ଦେବା ନିମନ୍ତେ ଦାବି ହୋଇଛି।

### ଆଦିବାସୀ ଦିବସ ପାଳିତ



ଟିକିରି,୯।୮(ଡି.ଏନ୍.ଏ.)- ରାୟଗଡ଼ା ଜିଲା କାଶୀପୁର ବ୍ଲକର ବିଲାମାଳ, ବାଗିରିଝୋଲା ଆଦି ବିଭିନ୍ନ ସ୍ଥାନରେ ଆଦିବାସୀ ଦିବସ ପାଳିତ ହୋଇଛି। ଆଦିବାସୀଙ୍କ ଭାଷା, ସଂସ୍କୃତି ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ପେଶା ଆଇନ କାର୍ଯ୍ୟକାରୀ କରିବା, ଆଦିବାସୀ ଦିବସକୁ ସରକାରୀ ଛୁଟି ଘୋଷଣା କରିବା, ଭାରତୀୟ ସମ୍ବିଧାନର ୫ମ ଅନୁସୂଚୀ(ଧାରା ୨୪୪-୧) ଅନୁଯାୟୀ ଜନଜାତି କଲ୍ୟାଣ ଏବଂ ବିକାଶ ବିଷୟରେ ଯେଉଁ ବିଷୟ ରାଜ୍ୟପାଳ ପରିସରଭୁକ୍ତ କରିବେ, ସେଥିରେ ତାଙ୍କୁ ସହଯୋଗ କରିବା, ଆଦିବାସୀ ପରାମର୍ଶଦାତା ପରିଷଦ ଗଠନ ନେଇ ଆଲୋଚନା ହୋଇଥିଲା। ବିଲାମାଳଠାରେ କମଳଲୋଚନ ସାଉନ୍ତାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥିଭାବେ ରାମଚନ୍ଦ୍ର ମାଝି, ମୁଖ୍ୟବକ୍ତା ରୂପେ ନରସିଂହ ସାଉନ୍ତା ଯୋଗ ଦେଇଥିଲେ। କୁଇ ସମାଜର ସଭାପତି ଶିବରାମ ମାଝି, ସମ୍ପାଦକ ଗୋବିନ୍ଦ ମାଝି ଉପସ୍ଥିତ ଥିଲେ।

### ଜୁଆ ଆଡ୍ଡା ଉପରେ ଚଢ଼ାଉ: ୨୦ ଗିରଫ

ବୋରିଗୁମ୍ମା,୯।୮(ଡି.ଏନ.ଏ.)-କୋରାପୁଟ ଜିଲା ବୋରିଗୁମ୍ମା ପୋଲିସ ରବିବାର ରାତିରେ ଏକ ଜୁଆ ଆଡ୍ଡା ଉପରେ ଚଢ଼ାଉକରି ୨୦ ଜୁଆଡିଙ୍କୁ ଗିରଫ କରିଛି। ସେମାନଙ୍କଠାରୁ ୭ଲକ୍ଷ ୮୩ ହଜାର ୪୪୦ ଟଙ୍କା,ତାସ ପ୍ୟାକେଟ୍ ଜବତ କରାଯାଇଥିବା ଏସ୍‌ଡିପିଓ ହରେକୃଷ୍ଣ ମାଝି ପ୍ରକାଶ କରିଛନ୍ତି। ବୋରିଗୁମ୍ମା ଥାନା ଅନ୍ତର୍ଗତ କାମରା ପଞ୍ଚାୟତ କଟୁଲଗୁଡା ଗ୍ରାମ ନୀଳଗିରି ବାଡରେ ଜୁଆଆଡ୍ଡା ଚାଲିଥିବା ନେଇ କୋରାପୁଟ ଏସ୍‌ପିଙ୍କ ସୂଚନାକ୍ରମେ ପୋଲିସ ଚଢ଼ାଉକରି ସେମାନଙ୍କୁ ଗିରଫ କରିଥିଲା। କେସ୍ ନଂ.୧୧୫/୨୧। ଆଇଆଇସି ବିଶ୍ୱଜିତ ମହାନ୍ତି, ଏସ୍‌ଆଇ ଶ୍ରୀକାନ୍ତ ସାହୁଙ୍କ ସମେତ ଅନ୍ୟମାନେ ଚଢ଼ାଉରେ ସାମିଲ ଥିଲେ।

### ଜାତୀୟ ପରିବାର ମଙ୍ଗଳ ଯୋଜନାରେ ସାମିଲ ଦାବି

ଜୟପୁର,୯।୮(ନି.ପ୍ର.)-ଜୟପୁର ନାରାୟଣ ତୋଟା ସାହି ଓ ଗୋପବନ୍ଧୁନଗରର ମହିଳାମାନେ ସୋମବାର ଉପଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ସେମାନଙ୍କୁ ଜାତୀୟ ପରିବାର ମଙ୍ଗଳ ଯୋଜନରେ ସାମିଲ କରିବା ପାଇଁ ଦାବିକରି ଏକ ଦାବିପତ୍ର ଦେଇଛନ୍ତି । ଏନେଇ ଗତ ୧ ବର୍ଷ ତଳେ ସେମାନେ ଜୟପୁର ପୌରପାଳିକାରେ ଆବେଦନ କରିଥିଲେ ମଧ କିଛି ସୁଫଳ ମିଳି ନ ଥିବା ସେମାନେ ଉପଜିଲାପାଳଙ୍କୁ ଅବଗତ କରିଥିଲେ। ଉପଖଣ୍ଡ ପ୍ରଶାସନ ତୁରନ୍ତ ଏ ଦିଗରେ ପଦକ୍ଷେପ ନେବାକୁ ମାଳତି ସାଗର, ରୁପା ଟାକରି, ଲତା ସାଗର, ରାଖୀ ପୂଜାରୀ ପ୍ରମୁଖ ଦାବି କରିଛନ୍ତି ।

# ରାତିଅଧିଆ ବାହାର ରାଜ୍ୟକୁ ଚାଲାଣ ହେଉଛନ୍ତି ଶ୍ରମିକ

ବିଷମକଟକ,୯।୮(ଡି.ଏନ୍.ଏ.)



ବିଷମକଟକଠାରେ ଅଟକିଥିବା ବସ୍ ଓ ଶ୍ରମିକମାନେ ।

ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲାକୁ କାମ କରିବାକୁ ଯାଇ ୬ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା । ଏଥିରେ ରାୟଗଡ଼ା ଜିଲା ଗୁଣପୁର ଅଞ୍ଚଳର ୫ଜଣ ରହିଥିଲେ। ଏହି ଘଟଣା ଜିଲାବାସୀଙ୍କ ମନରୁ ଲିଭି ନ ଥିବାବେଳେ ଏବେବି ଜିଲାରୁ ନିୟମିତ ଦଲାଲ୍‌ଙ୍କ ଦ୍ୱାରା ଶ୍ରମିକ ଚାଲାଣ ହେଉଛନ୍ତି। ହେଲେ ଶ୍ରମ ବିଭାଗର ନିଦ ଭାଙ୍ଗୁନାହିଁ। ଶ୍ରମିକ ନେଇ ଯାଉଥିବା ଏକ ବସ୍ ରବିବାର ସକାଳେ ରାୟଗଡ଼ା ଜିଲାର ବିଷମକଟକଠାରେ ଅଟକିବା ସମୟରେ ଏହି ଘଟଣା ସ୍ପଷ୍ଟ ହୋଇଛି।

କେରଳର ଏକ ବସ୍(କେଏଲ୍ ୦୭ ସିଆର୍ ୨୧୪୭)ଭୋର୍ ପ୍ରାୟ ସାଢ଼େ ୪ଟାବେଳେ ବିଷମକଟକଠାରେ ଅଟକିଥିବାବେଳେ ସେଥିରେ ଥିବା କେତେଜଣ ଯାତ୍ରୀଙ୍କୁ ପଚାରିବାରୁ ସେମାନଙ୍କୁ କେରଳ ନିଆଯାଉଥିବା ଜଣାପଡ଼ିଥିଲା। ବସ୍‌ଟି ପଡ଼ୋଶୀ କନ୍ଧମାଳ ଜିଲାରୁ ବାହାରିଥିବାବେଳେ ସେଥିରେ କନ୍ଧମାଳ ଜିଲା ସମେତ ରାୟଗଡ଼ା ଜିଲାର ବିଷମକଟକ, ମୁନିଗୁଡ଼ା, ଅମ୍ବାଦଳା, ଚନ୍ଦ୍ରପୁର ବ୍ଲକର ଶ୍ରମିକ ରହିଥିଲେ। ସେମାନଙ୍କୁ କେରଳର ଏକ ରବର୍ କମ୍ପାନୀରେ କାମ କରିବାକୁ ନିଆଯାଉଥିଲା। କରୋନା ପରେ କାମ ନ ଥିବାରୁ ସେମାନେ କେରଳକୁ ଯାଉଥିବା ଶ୍ରମିକମାନେ କହିଥିଲେ। ଏମିତିକି ସେଠାରେ ସେମାନଙ୍କୁ ମାସିକ ପ୍ରାୟ ୧୫ ହଜାରରୁ ୨୦ ହଜାର ଟଙ୍କା ମିଳିବ ବୋଲି ସେମାନେ କହିଥିଲେ। ଅନ୍ୟପକ୍ଷରେ ଶ୍ରମିକ ଚାଲାଣ ବିଷୟରେ

**ସୂଚନା ପାଉନି ଶ୍ରମ ବିଭାଗ**

ତୁରନ୍ତ ଜିଲା ଶ୍ରମ ଅଧିକାରୀ ଯସ୍ମିନ୍ ଶୁଭଦର୍ଶିନୀ ସାହୁଙ୍କୁ ଯୋଗାଯୋଗ କରାଯାଇଥିବାବେଳେ ସେ ଫୋନ୍ ଗ୍ରହଣ କରି ନ ଥିଲେ। ତେବେ ପରବର୍ତ୍ତୀ ସମୟରେ ତାଙ୍କୁ ଅନେକ ଥର ଫୋନ୍ କରାଯାଇଥିଲେ ମଧ ସମ୍ଭବ ହୋଇ ନ ଥିଲା। ବିନା ପଞ୍ଜୀକରଣରେ ଦଲାଲ୍‌ମାନେ ବିଭିନ୍ନ ପ୍ରଲୋଭନ ଦେଖାଇ ଜିଲାରୁ ରାତିଅଧିଆ ଶ୍ରମିକ ଚାଲାଣ କରୁଥିବାବେଳେ ଶ୍ରମ ବିଭାଗ କୌଣସି ସୂଚନା ପାଇପାରୁନାହିଁ। ତେବେ ଜିଲାରେ କାମ ସୃଷ୍ଟି କରାଯିବା ସହ ସରକାରୀ ଯୋଜନା ଲୋକଙ୍କ ନିକଟରେ ପହଞ୍ଚାଇଲେ ଲୋକେ ଦଲାଲ୍‌ମାନଙ୍କ ଶିକାର ହେବେନାହିଁ। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ବୁଦ୍ଧିଜୀବୀଙ୍କ ମଧରେ ମତପ୍ରକାଶ ପାଉଛି।

# ଜଳ ସଂକଳ୍ପ କ୍ରାନ୍ତି ଯାତ୍ରା




ପାଣି କଳସ ଧରି ଉପ ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପ୍ରତିବାଦ କରାଯାଉଛି।

ଗୁଣପୁର,୯।୮(ଡି.ଏନ.ଏ)

ବଂଶଧାରା ନଦୀର ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବିନେଇ ଆନ୍ଦୋଳନ ସୋମବାର ୯ମ ଦିନରେ ପହଞ୍ଚିଛି। ବଂଶଧାରା ଅବବାହିକା ସୁରକ୍ଷା ସମିତି ପକ୍ଷରୁ ଆନ୍ଦୋଳନ ଆରମ୍ଭ ହୋଇଥିବାବେଳେ ସୋମବାର ଜଳ ସଙ୍କଳ୍ପ କ୍ରାନ୍ତି ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବଂଶଧାରା ନଦୀ ଅବବାହିକାରେ ରହୁଥିବା ଗୁଡାରି, ଗୁମୁଡ଼ା, ଗୁଣପୁର, ଗାଦିଆଖଳା ଆଦି ଅଞ୍ଚଳର ପ୍ରମୁଖ ବ୍ୟକ୍ତିମାନେ କଳସରେ ପାଣି ଧରି ଜଳ କ୍ରାନ୍ତି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ନୂତନ ବସଷ୍ଟାଣ୍ଡଠାରୁ ଶୋଭାଯାତ୍ରା ବାହାରି ଉପଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲା। ସେଠାରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଉପ ଜିଲାପାଳ ଜେ. ସୋନାଲଙ୍କୁ ପ୍ରଦାନ କରାଯାଇଥିଲା।

**ବଂଶଧାରା ଉପରମୁଣ୍ଡରେ ପ୍ରକଳ୍ପ ନିର୍ମାଣ ଦାବି**

କାର୍ଯ୍ୟକ୍ରମରେ ବଂଶଧାରା ଅବବାହିକା ସୁରକ୍ଷା ସମିତିର ସଭାପତି ବ୍ରହ୍ମାନନ୍ଦ ପଟ୍ଟନାୟକ, ଆବାହକ ମିଳି ପାଢ଼ି, କାର୍ଯ୍ୟକାରୀ ସଭାପତି ଅକ୍ଷୟ ଦାସଙ୍କ ନେତୃତ୍ୱରେ ପୂର୍ବତନ ବିଧାୟକ ରାମମୂର୍ତ୍ତି ଗମାଙ୍ଗ, ପୂର୍ବତନ ଜିଲା ପରିଷଦ ଅଧକ୍ଷ ବିଜୟ ଗମାଙ୍ଗ, ପୂର୍ବତନ ଏନ୍‌ଏସି ଅଧକ୍ଷ ଶିବ ଗୌଡ଼, ରାଜେନ୍ଦ୍ର ସାହୁ, ଅକ୍ଷୟ ଶତପଥୀ, ଶ୍ରିକାନ୍ତ ବେହେରା, ଏସ୍. ବାବା ପ୍ରସାଦ, ପ୍ରଦୀପ ଦାସ, ଉମାଶଙ୍କର ଦାସ, ମୁନା ପାଣି, ସିମାଞ୍ଚଳ ମଣ୍ଡଳ, ଗଙ୍ଗା ଚାଲାଣ, ଗଣପତି ପାଠୀ, ପ୍ରଭାକର ରଥ, ହରପ୍ରସାଦ ରଥ, ପଦ୍ମନ ପାଣିଗ୍ରାହୀଙ୍କ ସମେତ ବହୁଚାଷୀ ଏବଂ ଅଞ୍ଚଳବାସୀ ସାମିଲ ହୋଇଥିଲେ।

# ଏସ୍.ଡଙ୍ଗାସିଲରୁ ପୋଡ଼କଣା ପର୍ଯ୍ୟନ୍ତ ପକ୍କାରାସ୍ତା ଦାବି

ଟିକିରି,୯।୮(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକ ଶଙ୍କରଡ଼ା ପଞ୍ଚାୟତର ପୋଡ଼କଣା ଗ୍ରାମ୍ୟ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଗାଁରେ ୧୬୦ ପରିବାର ବସବାସ କରୁଥିବାବେଳେ ଗ୍ରାମବାସୀ ଯାତାୟାତ ନିମନ୍ତେ ଏହି ରାସ୍ତା ଉପରେ ନିର୍ଭରଶୀଳ। ହେଲେ ଗାଁଠାରୁ ୫ କି.ମି. ପୂର୍ବରୁ ରାସ୍ତା ଅତ୍ୟନ୍ତ ଖରାପ ରହିଛି। ଫଳରେ ଯାନବାହନ ଯାତାୟାତ କଷ୍ଟକର ହୋଇପଡୁଛି। ବିଶେଷକରି ବର୍ଷାଦିନରେ ସମସ୍ୟା ଦ୍ୱିଗୁଣିତ ହେଉଛି। ଏମିତିକି ରାସ୍ତାରେ ଆମ୍ବୁଲାନ୍ସ ମଧ ଯାଇପାରୁ ନ ଥିବାରୁ ରୋଗୀ ଏବଂ ଗର୍ଭବତୀଙ୍କୁ ବୋହି ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନେବାକୁ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାସ୍ତାରେ ମାଟି ପଡ଼ିଥିବାରୁ ବର୍ଷା ହେଲେ କାଦୁଅ ଯୋଗୁ ଯାତାୟାତ



କାଦୁଅରେ ଫସିଥିବା ଏକ ଗାଡ଼ିକୁ ଲୋକେ ଠେଲି ବାହାର କରୁଛନ୍ତି।

**ରାସ୍ତା ଖରାପ ଯୋଗୁ ବୁହା ହେଉଛନ୍ତି ରୋଗୀ**

ସମ୍ପୂର୍ଣ୍ଣ ବନ୍ଦ ହୋଇଯାଉଥିବା ସେମାନେ କହିଛନ୍ତି। ଅନେକ ସମୟରେ କାଦୁଅ ମଧରେ ଗାଡ଼ି ଫସିଯାଇଥିବା ଦେଖିବାକୁ ମିଳୁଛି। ଗାଁକୁ ଅନ୍ୟ ଏକ ରାସ୍ତା ରହିଥିଲେ ମଧ ଦୂର ଯୋଗୁ ରୋଗୀ କିମ୍ବା ଗର୍ଭବତୀଙ୍କ ଜୀବନ ପ୍ରତି ବିପଦ ରହୁଛି। ତେଣୁ ଶଙ୍କରଡ଼ାଠାରୁ ଏସ୍. ଡଙ୍ଗାସିଲ ପର୍ଯ୍ୟନ୍ତ ରାସ୍ତା ରହିଥିବାବେଳେ ସେଠାରୁ ପୋଡ଼କଣା ପର୍ଯ୍ୟନ୍ତ ଶୀଘ୍ର ପକ୍କାରାସ୍ତା ନିର୍ମାଣ ନିମନ୍ତେ ଗ୍ରାମବାସୀ ଦାବି କରିଛନ୍ତି।

## ନିର୍ଯାତନା ଦେଉଥିବା ନେଇ ଥାନାର ଦ୍ୱାରସ୍ଥ ହେଲେ ମହିଳା

ମାଲକାନଗିରି,୯।୮(ଡି.ଏନ.ଏ.)– ମାଲକାନଗିରି ଜିଲା ସଦର ମହକୁମାର ଏମଭି-୪୨ ଗ୍ରାମର ଜନୈକ ମହିଳାଙ୍କୁ ଶ୍ୱଶୁର ଘର ଲୋକେ ଯୌତୁକ ପାଇଁ ନିର୍ଯାତନା ଦେଉଥିବା ମାଲାକନଗିରି ଥାନାରେ ଅଭିଯୋଗ ହୋଇଛି। ଏମଭି-୪୨ ଗ୍ରାମର ରିଙ୍କୁ ଦେଉରି ଗତ ୨୦୧୫ରେ ଏମଭି-୧୮ ଗ୍ରାମର ବିପୁଲ ଦେଉରିଙ୍କୁ ବିବାହ କରିଥିଲେ। ବିବାହ ସମୟରେ ରିଙ୍କୁଙ୍କ ମାଆବାପା ସକ୍ଷମ ଅନୁଯାୟୀ ସମସ୍ତ ସାମଗ୍ରୀ ପ୍ରଦାନ କରିଥିଲେ। ବାହାଘରର ଦୁଇ ବର୍ଷ ପରେ ସ୍ୱାମୀ ଶାଶୁ, ଶ୍ୱଶୁର, ୨ ଜଣ ନଣନ୍ଦ ଓ ଜଣେ ନଣନ୍ଦେଇ ବାପଘରୁ ଟଙ୍କା ଆଣିବାକୁ କହି ରିଙ୍କୁଙ୍କୁ ନିର୍ଯାତନା ଦେଉଥିଲେ। ଜୀବନରୁ ମାରି ଦେବାକୁ ଧମକ ଦେଇ ତାଙ୍କୁ ଠିକରେ ଖାଇବାକୁ ଦେଉ ନ ଥିଲେ। ଝିଅର ଦୁଃଖ ଦେଖି ରିଙ୍କୁଙ୍କ ବାପା ତାଙ୍କ ସ୍ୱାମୀଙ୍କୁ ଅନେକ ଥର ଟଙ୍କା ଦେଇଛନ୍ତି। ଏହା ପରେ ମଧ ବାପଘରୁ ଅଧିକ ଟଙ୍କା ଆଣିବାକୁ କହୁଥିଲେ। ସେ ବାପଘରକୁ ଚାଲିଆସିବା ପରେ ଗ୍ରାମର ଭଦ୍ର ବ୍ୟକ୍ତିଙ୍କ ଉପସ୍ଥିତିରେ ଶ୍ୱଶୁର ଘର ଲୋକେ ପ୍ରତିଶ୍ରୁତି ଦେଇ ତାଙ୍କୁ ଡାକି ଘରକୁ ନେଇଥିଲେ। ପୁଣି କିଛିଦିନ ପରେ ମାଡ ମାରି ତଡ଼ି ଦେଇଥିଲେ ବୋଲି ରିଙ୍କୁ ଅଭିଯୋଗ କରିଛନ୍ତି। ଏବେ ଶିଶୁପୁତ୍ରକୁ ଧରି ରିଙ୍କୁ ତାଙ୍କ ବାପଘରେ ରହୁଛନ୍ତି। ଏନେଇ ମାଲକାନଗିରି ଆଦର୍ଶ ଥାନାରେ ଏତଲା ଦେଇଛନ୍ତି । କେସ୍ ନମ୍ବର ୩୧୦/୨୧ରେ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ବିଶ୍ୱ ଆଦିବାସୀ ଦିବସରେ ସଭା, ଶୋଭାଯାତ୍ରା




ସିପିଆଇ (ଏମ୍ ଏଲ୍) ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ଗୁଣପୁର,୯।୮(ଡି.ଏନ୍.ଏ.)

ଗୁଣପୁର ଶବର ସାଂସ୍କୃତିକ ସଂଘ କାର୍ଯ୍ୟାଳୟଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ସଂଘର ସଭାପତି ଚକ୍ରପାଣି ଶବର ଏଥିରେ ଅଧ୍ୟକ୍ଷତା କରିଥିଲେ। ଅନ୍ୟ ମାନଙ୍କ ମଧରେ କେଶବ ଚନ୍ଦ୍ର ଗମାଙ୍ଗ, ରୋହିଦାସ ଶବର, କାର୍ତ୍ତିକ ଶବର, ଗାଡେ ଶବର ପ୍ରମୁଖ ଉପସ୍ଥିତ ରହି ଆଦିବାସୀ ଦିବସର ତାତ୍ପର୍ଯ୍ୟ ବିଷୟରେ କହିଥିଲେ। ବିଦ୍ୟାଧର ଶବର, ଚିନ୍ମୟ ଗମାଙ୍ଗ, ରାମ ପ୍ରସାଦ ଗମାଙ୍ଗ, ଆରସି ଶବର, ସୁଦାମ ଶବର, ବାଳକୃଷ୍ଣ ଶବର ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ସିପିଆଇ(ଏମ୍‌ଏଲ୍) ପକ୍ଷରୁ ଏକ ଶୋଭାଯାତ୍ରା ବାହାରିଥିଲା। ୧୪ ଦଫା ଦାବି ନେଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଗୁଣପୁର ଉପଜିଲାପାଳ ଜେ.ସୋନାଲଙ୍କୁ ପ୍ରଦାନ କରାଯାଇଥିଲା। ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ନେତୃତ୍ୱରେ ଗୁଣପୁର, ପଦ୍ମପୁର, ଗୁଡାରି ଏବଂ ରାମନାଗୁଡ଼ା ଅଞ୍ଚଳରେ ଥିବା ସିଲିଂ ବହିର୍ଭୁତ ଜମିକୁ ଆଦିବାସୀଙ୍କୁ ପ୍ରଦାନ, ବଂଶଧାରା ଉପରମୁଣ୍ଡରେ ପାଣି ଡଙ୍ଗର ପ୍ରକଳ୍ପ ନିର୍ମାଣ, ଆନ୍ଧ୍ରରେ ଘଟିଥିବା ଶ୍ରମିକଙ୍କ ପରିବାରକୁ ମଙ୍ଗଳ ବିଭାଗ ପକ୍ଷରୁ କ୍ଷତି ପୁରଣ ଏବଂ ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ଗୁଣପୁର-ଥେରୁବାଲି ରେଳପଥ ସଂଯୋଗୀକରଣ ନିମନ୍ତେ ପଦକ୍ଷେପ ଆଦି ଦାବି ଉପସ୍ଥାପନ କରାଯାଇଥିଲା।

# ଆଦିବାସୀଙ୍କ ଅଧିକାର ପାଇଁ ସଂଗ୍ରାମ କରିବାକୁ ଆହ୍ୱାନ

ମୁନିଗୁଡ଼ା,୯।୮(ଡି.ଏନ୍.ଏ.)

ଅଖିଳ ଭାରତ କିଷାନ ମଜଦୁର୍ ସଭା ପକ୍ଷରୁ ମୁନିଗଡ଼ା ବ୍ଲକ ପାତ୍ରଗୁଡ଼ା ପଞ୍ଚାୟତର ଭୂର୍ଷିଖମାର ଆମ୍ବତୋଟା ଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଦିବାସୀମାନଙ୍କ ଏକ ସଭା ଓ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଆଇକେଏମ୍‌ଏସ୍‌ର ଜିଲା ସମ୍ପାଦକ ସୁବାସ କୁଲେସିକାଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦିବାସୀ ନେତା ହରିବନ୍ଧୁ କାଡ୍ରାକା, ଗଣେଶ ଜାକାସିକା, ନରେଶ ସୁନା, ବ୍ରିଜଲାଲ୍ ହିଆଲ, ବନମାଳୀ ସିକ୍‌କା, ହରକିଶୋର କାଡ୍ରାକା, ପିତାମର ଟାକ୍ରୀ ପ୍ରମୁଖ ବକ୍ତା ଉପସ୍ଥିତ ରହି ଜମି ଓ ଜଙ୍ଗଲ ଉପରେ ଆଦିବାସୀମାନଙ୍କ ଅଧିକାର ପାଇଁ ସଂଗ୍ରାମ କରିବାକୁ ଆହ୍ୱାନ ଦେଇଥିଲେ। ରାଜ୍ୟର ଏକ ଚତୁର୍ଥାଂଶ ଲୋକ ଆଦିବାସୀ ହୋଇଥିଲେ ମଧ ସରକାରୀ ଅବହେଳା କାରଣରୁ ସେମାନଙ୍କ ଭାଷା ଓ ସଂସ୍କୃତି ଆଜି ଲୋପ ପାଇବାକୁ ବସିଛି ବୋଲି କହିଥିଲେ। ସେହିପରି ଜଙ୍ଗଲ ଅଧିକାର ଆଇନ ଲାଗୁ ନିମନ୍ତେ ମଧ




ବୈଠକରେ ସଂଘର ସଦସ୍ୟମାନେ ।

**କିଷାନ ମଜଦୁର ସଭାର ବୈଠକ, ଶୋଭାଯାତ୍ରା**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଆନ୍ତରିକତା ନ ଥିବା ବକ୍ତାମାନେ ଅଭିଯୋଗ କରିଛନ୍ତି। ଏହା ବ୍ୟତୀତ ଜମି ଓ ଜଙ୍ଗଲ ଉପରେ ଆଦିବାସୀଙ୍କୁ ଅଧିକାର ଦେବା, ତିନି କଳା କୃଷି ଆଇନ ପ୍ରତ୍ୟାହାର, ସବୁ ଜଙ୍ଗଲଜାତ ଓ କୃଷି ଉତ୍ପାଦର ସର୍ବନିମ୍ନ ସହାୟକ ମୂଲ୍ୟ ପାଇଁ ଆଇନ ଲାଗୁ କରିବା, କଳା ବିଦ୍ୟୁତ୍ ବିଲକୁ ଫେରାଇ ନେବା, ଆଦିବାସୀ ପିଲାଙ୍କୁ ମାତୃଭାଷାରେ ଶିକ୍ଷାଦାନର ବ୍ୟବସ୍ଥା କରିବା, ଆଦିବାସୀ ଭାଷା, ଲିପି ଓ ସଂସ୍କୃତିର ବିକାଶ ବ୍ୟୟବରାଦ କରି ଠୋସ୍ ପଦକ୍ଷେପ ନେବା, ଜଙ୍ଗଲ ଜମିରୁ ଆଦିବାସୀଙ୍କୁ ହଟାଇବା ବନ୍ଦ କରିବା, ଜଙ୍ଗଲ ଅଧିକାର ଆଇନ ଅନୁଯାୟୀ ଜଙ୍ଗଲ ଜମିରେ ଚାଷ କରି ରହୁଥିବା ଆଦିବାସୀଙ୍କୁ ପଟ୍ଟା ପ୍ରଦାନ, ଆଦିବାସୀ ଛାତ୍ରୀଛାତ୍ରଙ୍କୁ ଦିଆଯାଉଥିବା ଷ୍ଟାଇପେଣ୍ଡ ବୃଦ୍ଧି କରିବା ନିମନ୍ତେ ଦାବି କରାଯାଇଛି। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧରେ କିଶାନ ମଜଦୁର୍ ସଭାର କର୍ମୀଙ୍କ ସମେତ ବିଭିନ୍ନ ଗ୍ରାମର ଆଦିବାସୀ ମହିଳା ଓ ପୁରୁଷ ଯୋଗ ଦେଇଥିଲେ। ପରେ ଏକ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

# ଅସୁସ୍ଥ ରୋଗୀଙ୍କୁ ଘରେ ଛାଡ଼ିବା ବାହାନାରେ ଲୁଟ୍: ୨ ଗିରଫ

ଜୟପୁର, ୯।୮(ନି.ପ୍ର.)

ମୁମୂର୍ଷୁ ଅବସ୍ଥାରେ ପଡିଥିବା ଜଣେ ବ୍ୟକ୍ତିଙ୍କୁ ସହାୟତାର ହାତ ବଢ଼ାଇ ଲୁଟ୍ କରିଥିବା ମାମଲାର ରହସ୍ୟ ଉନ୍ମୋଚନ କରିଛି ଟାଉନ ଥାନା ପୋଲିସ। ଏଥିରେ ସମ୍ପୃକ୍ତ ୨ ଜଣକୁ ଗିରଫ କରିଛି । ସେମାନେ ହେଲେ ପ୍ରସାଦରାଓପେଟା ଅଞ୍ଚଳର ଡି.ସୁରେଶ ପଟ୍ଟନାୟକ ଓ ଏମ୍. କାଳିଆ ସୁବୁଦ୍ଧି। ଜୁନ୍ ୧୬ରେ ଜୟପୁର ପ୍ରସାଦରାଓପେଟା ଦ୍ୱିତୀୟ ଲାଇନ ଏଲ୍. ଭେଙ୍କେଟ ରାବଣା ମହାରାଣୀପେଟାରୁ ନିଜ ଘରକୁ ଫେରୁଥିଲେ। ସେ କୌଣସି କାରଣରୁ ରାସ୍ତାରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଗଲେ । ସେଠାରେ ସୁରେଶ ଓ କାଳିଆ ପହଞ୍ଚି ତାଙ୍କୁ ଉଠାଇ ତାଙ୍କ ଘରେ ଛାଡିବାକୁ ନେଇ ଘରେ ଛାଡିଥିଲେ। ମାତ୍ର ରାବଣା ରାସ୍ତାରେ ପଡିଥିବା ବେଳେ ଉଭୟେ ତାଙ୍କୁ ଉଦ୍ଧାର କରି ନେବା ନେବା ପୂର୍ବରୁ ଦୁର୍ବୃତ୍ତମାନେ ତାଙ୍କ ମୋବାଇଲ ଫୋନ ଓ ଏଟିଏମ୍ କାର୍ଡ ଲୁଟ୍ କରି ନେଇ ଏଟିଏମ୍‌ରୁ ୩୦ ହଜାର ୫ ଶହ ଟଙ୍କା ନେଇ ଯାଇଥିଲେ। ଏନେଇ ରାବଣା ଟାଉନ ଥାନାରେ ଅଭିଯୋଗ କରିବାରୁ ପୋଲିସ ୧୪୨ /୨୧ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ସେମାନଙ୍କଠାରୁ ୩୦ ହଜାର ୫ଶହ ଟଙ୍କା, ଏଟିଏମ୍ କାର୍ଡ, ମୋବାଇଲ ଫୋନ ଜବତ କରାଯାଇଥିବା ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି।

## ମିଷ୍ଟର ଛତିଶଗଡ଼ ଫ୍ୟାଶନ ଶୋ’ରେ ଚମକିଲେ ସୁରାନ୍ତ

ମୁନିଗୁଡ଼ା,୯।୮(ଡି.ଏନ୍.ଏ.)

ଇଣ୍ଡିଆନ ବିୟୁଟିସିଆନ୍ ୱେଲଫେୟାର ଆସୋସିଏଶନ ପକ୍ଷରୁ ଛତିଶଗଡ଼ଠାରେ ଆୟୋଜିତ ବିଗେଷ୍ଟ ବିୟୁଟି ହଙ୍ଗାମା-୨୦୨୧ ଫ୍ୟାଶନ ଶୋ’ ପ୍ରତିଯୋଗିତାରେ ରାୟଗଡ଼ା ଜିଲା ମୁନିଗୁଡ଼ାର ଯୁବକ ସୁରାନ୍ତ ମିଶାଲ ସଫଳତା ହାସଲ କରିଛନ୍ତି। ଏହି ଫ୍ୟାଶନ ଶୋ’ରେ ତାଙ୍କୁ ମିଷ୍ଟର ଛତିଶଗଡ଼ର ଦିତୀୟ ରନର୍ସ ଅପ୍ ଟ୍ରଫି ଦ୍ୱାରା ସମ୍ମାନୀତ ହୋଇଛନ୍ତି। ସେହିପରି ସୁରାନ୍ତ ମିଷ୍ଟର ଛତିଶଗଡ଼ ଟ୍ୟାଗ୍ ଫର୍ ବିୟୁଟିଫୁଲ ଆଇଜ୍ ଆୱାର୍ଡ ମଧ ହାସଲ କରିଥିବା ଜଣାପଡ଼ିଛି। ଏହି ଫ୍ୟାଶନ୍ ଶୋ’ରେ ବିଚାରକ ମଣ୍ଡଳି ଭାବେ ମୁମ୍ବାଇରୁ ଇଣ୍ଟରନ୍ୟାଶନାଲ ଏବଂ ବଲିଉଡ୍‌ର ମ୍ୟାକଅପ ଆର୍ଟିଷ୍ଟ ସମୀର ସାଭଲା, କଲିକତାର ରୁକସାନା ଶେଖ୍, ଛତିଶଗଡ଼ର ଟପ୍ ମଡେଲ ସୋମ୍ୟ ଚତୁର୍ବେଦୀ, ମାଧୁରୀ ଆହୁଜା ଓ ରାଜେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସୁରାନ୍ତଙ୍କୁ ମିଷ୍ଟର ଛତିଶଗଡ଼ର ଦିତୀୟ ରନର୍ସ ଅପ ଟ୍ରଫି ଏବଂ ମିଷ୍ଟର ଛତିଶଗଡ଼ ଟ୍ୟାଗ୍ ଫର୍ ବିୟୁଟିଫୁଲ୍ ଆଇଜ୍ ଆୱାର୍ଡରେ ସମ୍ମାନିତ କରିଥିଲେ।



ଏହି ପ୍ରତିଯୋଗିତାରେ ବିଭିନ୍ନ ରାଜ୍ୟରୁ ଯୁବ ମଡେଲ ଭାଗ ନେଇଥିଲେ। ତାଙ୍କ ସଫଳତା ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛା ବାର୍ତ୍ତା ପହଞ୍ଚିଛି। ସୁରାନ୍ତ ଦିବଂଗତ ଶିକ୍ଷକ ସୁରେନ୍ଦ୍ର ମିଶାଲ ଓ ମା ତାରାବତୀଙ୍କ କନିଷ୍ଠ ପୁତ୍ର ଅଟନ୍ତି। ସେ ଛୋଟ ବେଳୁ ହିଁ ଅଭିନୟ ଓ ମଡେଲିଂରେ ରୁଚି ରଖିଥିବା ବେଳେ ଭୁବନେଶ୍ୱରର ଅକ୍ସଫୋର୍ଡ଼ କଲେଜ ଅଫ୍ ମ୍ୟାନେଜମେଣ୍ଟରେ ପଢୁଥିବା ବେଳେ କଲେଜର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇ ସଫଳତା ହାସଲ ପରେ ତାଙ୍କର ମଡେଲିଂ ପ୍ରତି ରୁଚି ଆସିଥିବା କହିଛନ୍ତି ।

## ଭିନ୍ନକ୍ଷମ ବିଶ୍ୱଜିତଙ୍କ ଚିକିତ୍ସାରେ ଅର୍ଥ ବାଧକ

କୁଡୁମୁଲୁଗୁମ୍ମା,୯।୮(ଡି.ଏନ.ଏ.)

ମାଲକାନଗିରିଜିଲା କୁଡୁମୁଲୁଗୁମ୍ମା ପଞ୍ଚାୟତର ଗୁଣ୍ଡୁରିଗୁଡ଼ା ଗ୍ରାମର ମୀନକେତନ ସାହୁଙ୍କ ପୁଅ ବିଶ୍ୱଜିତ୍(୧୫) ଜନ୍ମରୁ ଥିଲେ ଭିନ୍ନକ୍ଷମ। ମା’ବାପା ତାଙ୍କର ଚିକିତ୍ସା ଲାଗି ବିଭିନ୍ନ ଚିକିତ୍ସାଳୟକୁ ନେଇଥିଲେ ମଧ କିଛି ସୁଫଳ ମିଳିନଥିଲା। ନିଜ ରୋଜଗାର ଏବଂ ଘରେ ଥିବା ସମ୍ବଳକୁ ବିକ୍ରିକରି ପୁଅର ଚିକିତ୍ସାରେ ଖର୍ଚ୍ଚ କରିଥିଲେ। ଚିକିତ୍ସା ସମୟରେ ଡାକ୍ତର ପୁଅର ଅପରେଶନ କରିବା ଲାଗି କହିଥିଲେ ମଧ ଅର୍ଥ ଅଭାବରୁ ପରିବାର ଲୋକେ ପୁଅକୁ ଅନ୍ୟତ୍ର ନେଇପାରି ନ ଥିଲେ। ଏବେ ସେ ପୁଅକୁ ଅନ୍ୟତ୍ର ଚିକିତ୍ସା କରିବାକୁ ନେବାକୁ ଚାହୁଁଥିଲେ ମଧ ମୀନକେତନଙ୍କ ପାଖରେ ସମ୍ବଳ ନାହିଁ। ଧୀରେ ଧୀରେ ପୁଅର ମାନସିକ ବିକୃତି ଦେଖିବାକୁ ମିଳିଛି। ଏପରି କ୍ଷେତ୍ରରେ ପ୍ରଶାସନ ପକ୍ଷରୁ ତାଙ୍କୁ ଯଦି ସରକାରୀ ସହାୟତା ମିଳନ୍ତା ସେ ପୁଅକୁ ଭଲ କରିପାରନ୍ତେ ବୋଲି କହିଛନ୍ତି। ମୀନକେତନଙ୍କୁ ସରକାରୀ ସହାୟତା ଯୋଗାଇଦେବାକୁ ପ୍ରଶାସନ ଦୃଷ୍ଟିଦେବାକୁ ଗ୍ରାମବାସୀ ମଧ ମତ ଦେଇଛନ୍ତି।

# ନିଜ ଭାଷା, ସଂସ୍କୃତିକୁ ନେଇ ଆଗକୁ ବଢ଼ିବା ଆବଶ୍ୟକ

ରାୟଗଡ଼ା ଅଫିସ,୯।୮

ରାୟଗଡ଼ା ଜିଲା ଆଦାବାସୀ ସମାଜ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ରାୟଗଡ଼ା ସହର ରାଣୀଗୁଡ଼ା ଫାର୍ମସ୍ଥିତ ବିଜୁ ପଟ୍ଟନାୟକ କଲ୍ୟାଣ ମଣ୍ଡପଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସହରସ୍ଥିତ ବି. ଆର୍. ଅମ୍ବେଡକର ଏବଂ ଶହୀଦ ଲକ୍ଷ୍ମଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରାଯାଇଥିଲା। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ଲାଲ୍ ବିହାରୀ ହିମିରିକା, ସମ୍ମାନୀତ ଅତିଥି ରୂପେ ପୂର୍ବତନ ଏମ୍‌ପି ଝିନ୍ନ ହିକ୍‌କା, ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଭାଜପାର କାଳୀରାମ ମାଝି, କଂଗ୍ରେସର ଆଦିବାସୀ ନେତା ଆପଲ ସ୍ୱାମୀ କାଡ୍ରାକା, ପ୍ରମୁଖ ମଞ୍ଚାସୀନ ଥିଲେ। ସେହିପରି ଆବାହକ ଭାବେ ଅଙ୍ଗଦ କୁଟ୍ରୁକା, ଜଳନ୍ଧର ପୁଷିକା, ସହ ଆବାହକ ବେଣୁଧର ଚୌଧୁରୀ, ଅନ୍ୟତମ ଅତିଥିଭାବେ




ଶୋଭାଯାତ୍ରାରେ ଆଦାବାସୀ ସମାଜର କର୍ମକର୍ତ୍ତା।

**ବିଶ୍ୱ ଆଦିବାସୀ ଦିବସ ପାଳିତ**

ଅନୁସୟା ମାଝି, ବିଦୁଲତା ହୁଇକା, ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ମୁଖ୍ୟବକ୍ତା ଭାବେ ଉପ ଜିଲାପାଳ ପ୍ରତାପ ଚନ୍ଦ୍ର ପ୍ରଧାନ ଯୋଗଦେଇ ନିଆରା ଆଦିବାସୀ ସଂସ୍କୃତି ଓ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଏଥିସହ ମନୁଷ୍ୟ ନିଜ ଭାଷା ଓ ସଂସ୍କୃତିକୁ ନେଇ ଆଗକୁ ବଢ଼ିବା ଆବଶ୍ୟକ ବୋଲି କହିଥିଲେ। ହରପ୍ରସାଦ ହେପ୍ରୁକା, ତପନ ପେଦେଣ୍ଡୀ, ଚକ୍ରଧର ବିଡ଼ିକା ପ୍ରମୁଖ କାର୍ଯ୍ୟକ୍ରମକୁ ସଂଚାଳନ କରିଥିଲେ।

## ପୋଖରୀରେ ବୁଡ଼ି ବାଳିକା ମୃତ

କୋଷାଗୁମୁଡା,(ଡି.ଏନ୍.ଏ.)- ପୋଖରୀରେ ବୁଡ଼ି ନବରଙ୍ଗପୁର ଜିଲା କୋଷାଗୁମୁଡା ବ୍ଲକ ଉକିଆପାଲି ପଞ୍ଚାୟତ ନୂଆଗୁଡା ଗ୍ରାମର ଜଣେ ୬ ବର୍ଷୀୟା ଝିଅର ମୃତ୍ୟୁ ହୋଇଛି। ସେ ହେଲେ ନୂଆଗୁଡା ଗ୍ରାମର ଶୁକଦେବ ଭତରାଙ୍କ ଝିଅ ସଞ୍ଜୁକ୍ତା। ସଞ୍ଜୁକ୍ତା ସକାଳେ ଗାଧୋଇବା ପାଇଁ ଗ୍ରାମ ନିକଟ ପୋଖରୀକୁ ଯାଇଥିବା ବେଳେ ଗୋଡ ଖସି ପାଣିରେ ବୁଡି ଯାଇଥିଲେ। ଗ୍ରାମବାସୀ ଏହା ଦେଖି ପରିବାରବର୍ଗ ଓ ବଡ଼ଆମ୍ବଡା ଏଏସ୍ଆଇ ଗୋପାଳ କୃଷ୍ଣ ହଲବାକୁ ସୂଚନା ଦେଇଥିଲେ। ଖବରପାଇ ବଡ଼ଆମ୍ବଡା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାରବର୍ଗଙ୍କୁ ହସ୍ତାନ୍ତର କରଯାଇଛି। ଏନେଇ ବଡ଼ଆମ୍ବଡା ଫାଣ୍ଡିରେ କେଶ୍ ନଂ. ୧୨/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

## ସଂକ୍ଷେପରେ

### ବ୍ରିଟିଶ୍ ଅମଳର ଜେଲରେ କ୍ରାନ୍ତି ଦିବସ



ନବରଙ୍ଗପୁର,୯।୮(ବି.ପ୍ର.)-ନବରଙ୍ଗପୁରରେ ଥିବା ବ୍ରିଟିଶ ଅମଳର ଜେଲ ପରିସରରେ ଓଡ଼ିଶା ସ୍ୱାଧୀନତା ସଂଗ୍ରାମୀ ଶହୀଦ ସ୍ମୃତି କମିଟି ପକ୍ଷରୁ ଅଗଷ୍ଟ କ୍ରାନ୍ତି ଦିବସ ପାଳନ କରାଯାଇଛି। ୧୯୪୨ ଭାରତ ଛାଡ଼ ଆନ୍ଦୋଳନ ସମୟରେ ପାପଡ଼ାହାଣ୍ଡି ଗୁଳିକାଣ୍ଡ ଓ ବ୍ୟକ୍ତିଗତଭାବେ ସତ୍ୟାଗ୍ରହ କରି ଜିଲାରୁ ପ୍ରାୟ ୧୫୦ ସଂଗ୍ରାମୀ ଏଠାରେ ଉକ୍ତ ଜେଲରେ ରହୁଥିଲେ। ସେଠାରେ ହିଁ ୮ଜଣ ଶହୀଦ ହୋଇଥିଲେ। ସୋମବାର ଉକ୍ତ ଜେଲରେ ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଛି। ଏହାପରେ ଶହୀଦଙ୍କ ଉଦ୍ଦେଶ୍ୟରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ୧୯୪୨ ସମୟର ମୂକ ସାକ୍ଷୀ ପାଲଟିଥିବା ପୁରାତନ ଜେଲ ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ଥିବାରୁ ଏହାର ଉପଯୁକ୍ତ ରକ୍ଷଣାବେକ୍ଷଣ ସହ ଶହୀଦ ସ୍ମାରକୀ ପୀଠରେ ପରିଣତ କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ନବରଙ୍ଗପୁର ଜିଲାପାଳ ସରକାର ନିକଟରେ ଉକ୍ତ ଦାବି ଉପସ୍ଥାପନ କରି ଜାତୀୟ ସ୍ମାରକଭାବେ ମାନ୍ୟତା ଦେଇ ରକ୍ଷଣାବେକ୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ନବରଙ୍ଗପୁର ଜିଲା ଶହୀଦ ସ୍ମୃତି କମିଟି ସଭାପତି ମୁନା ତ୍ରିପାଠୀଙ୍କ ସମେତ ପରି ସାହୁ, ଅବ୍ଦୁଲ ଫିରୋଜ, ଲାଲୁ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

### ଜୀବନ ସଂଘର୍ଷରେ କୃତିତ୍ୱ ଦେଉଛି ଦକ୍ଷତା ବିକାଶ ତାଲିମ



ନବରଙ୍ଗପୁର, ୯।୮ (ବି.ପ୍ର.)- ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ସୋମବାର ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା କିଶୋରୀ କିଶୋରଙ୍କ ନିମନ୍ତେ ଜିଲାସ୍ତରୀୟ ଦକ୍ଷତା ବିକାଶ ତାଲିମ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ବୈଠକ ଗୃହରେ ଅନୁଷ୍ଠିତ ହୋଇଛି। ଡିଆରଡ଼ିଏ ପିଡି ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ତାଲିମ ଶିବିରେ ଅଧାରୁ ପାଠ ଛାଡ଼ିଥିବା ଓ ବାଲ୍ୟବିବାହରୁ ରକ୍ଷା କରାଯାଇଥିବା ୮୫ କିଶୋରୀ କିଶୋର ଯୋଗଦେଇଥିଲେ। ପଲିଟେକ୍ନିକ ଶିକ୍ଷାର ଉପକାରିତା ଓ ଦକ୍ଷତା ବିକାଶ ଶିକ୍ଷା ସମାପ୍ତି ପରେ ନିଯୁକ୍ତି ସୁବିଧା ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଇଥିଲା। ଯତ୍ନ ଓ ସୁରକ୍ଷା ଆବଶ୍ୟକ କରୁଥିବା କିଶୋରୀ କିଶୋରଙ୍କ ପାଇଁ ଏହି ତାଲିମ ସହାୟକ ହେବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ କୁମାର ପଟ୍ଟନାୟକ କହିଛନ୍ତି। ବାଲ୍ୟବିବାହକୁ ମନାକରି ପିଲାମାନେ ଶିକ୍ଷା ଲାଭ କରି ଆର୍ଥିକଭାବେ ସ୍ୱାବଲମ୍ବୀ ହୁଅନ୍ତୁ ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ କହିଛନ୍ତି। ଜୀବନ ସଂଘର୍ଷ ମଧ୍ୟରେ କୃତିତ୍ୱ ଅର୍ଜନ କରିଥିବା ପିଲାଙ୍କ ଉଦାହରଣ ଦେଇ ଦକ୍ଷତା ବିକାଶ ତାଲିମ ନୂତନ ବାଟ ଦେଖାଇବ ବୋଲି ଜିଲା କର୍ମନିଯୋଜନ ଅଧିକାରୀ ତତ୍ତ୍ୱମସୀ ମହାପାତ୍ର କହିଥିଲେ। ଓର୍‌ମାସ ପକ୍ଷରୁ ଶିବାନୀ ଏଜୁକେଶନ ଚାରିଟେବୁଲ ଟ୍ରଷ୍ଟର ଅମ୍ବିକା ରଥ ବିଭିନ୍ନ ସରକାରୀ ଯୋଜନା ଉପରେ ଆଲୋଚନା କରିଥିଲେ। ଅନ୍ୟମାଙ୍କ ମଧ୍ୟରେ ଆକ୍ସନଏଡ଼୍ର ଜିଲା ପରାମର୍ଶଦାତା ଫକିର ଚରଣ ରାଉତ, ସିଡିପିଓ ନିବାସିନୀ ବିଶ୍ୱାଳ, ଦୀପ୍ତିରାଣୀ ସିଂ, ସୁତପା ଚୌଧୁରୀ, ବିନୋଦିନୀ ପଟ୍ଟନାୟକ, ସୁନିତା ଦେବୀ ତ୍ରିପାଠୀ, ସୁପରଭାଇଜର ସସ୍ମିତା ମହାନ୍ତି, ସଞ୍ଜୁକ୍ତା ବେହେରା ଓ ଅନ୍ୟ ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଆଦିବାସୀଙ୍କୁ ଜମିପଟ୍ଟା, ଗୃହ, ଶିଳ୍ପ ଋଣ ପ୍ରଦାନ କର

ନବରଙ୍ଗପୁର,୯।୮ (ବି.ପ୍ର.)

ନବରଙ୍ଗପୁର ଜିଲା ଆଦିବାସୀ ସୁରକ୍ଷା ମଞ୍ଚ ସଦସ୍ୟମାନେ ପାରମ୍ପରିକ ଅସ୍ତ୍ରଶସ୍ତ୍ର ଧରି ବାଦ୍ୟର ତାଳେତାଳେ ନାଚ ଗୀତ କରି ଏକ ଶୋଭାଯାତ୍ରାରେ ଯାଇ ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ମଞ୍ଚ ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ଏକ ଦାବିପତ୍ର ପଦାନ କରାଯାଇଛି। ଆଦିବାସୀଙ୍କୁ ବିଭିନ୍ନ କ୍ଷେତ୍ରରେ ଅଣଦେଖା କରାଯାଉଥିବା ନେଇ ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି।

ବିଶ୍ୱ ଆଦିବାସୀ ଦିବସକୁ ଜାତୀୟ ଛୁଟି ଘୋଷଣା, ପେସା ଆଇନ ୧୯୯୬କୁ କଡ଼ାକଡ଼ି ପାଳନ, ପଞ୍ଚମ ଅନୁସୂଚିତ ଅଞ୍ଚଳରେ ଜନସଂଖ୍ୟା ଭିତ୍ତିରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀ ନିଯୁକ୍ତିକୁ ଜିଲାଭିତ୍ତିକ କରିବା, ମିଥ୍ୟା ଜାତିଗତ ପ୍ରମାଣପତ୍ର ଦେଇ ଚାକିରି ଓ ସୁବିଧା ନେଉଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି।



ଜନଜାତି ସମ୍ପ୍ରଦାୟ ଲୋକେ ପାରମ୍ପରିକ ବେଶଭୂଷାରେ ସଜ୍ଜିତ ହୋଇ ଜିଲାପାଳଙ୍କୁ ନିଜ ସମସ୍ୟା ଜଣାଇବାକୁ ଶୋଭାଯାତ୍ରାରେ ବାହାରିଛନ୍ତି।

ନବରଙ୍ଗପୁରସ୍ଥିତ ଆଦିବାସୀ ସଂଗ୍ରହାଳୟ ଓ ଶହୀଦ ଲକ୍ଷ୍ମଣ ନାୟକ ଭବନକୁ ମଞ୍ଚକୁ ହସ୍ତାନ୍ତର କରାଯାଉ ବୋଲି ସେମାନେ ଦାବି କରିଛନ୍ତି। ଆଦିବାସୀଙ୍କୁ ଗୃହ ଓ ଶିଳ୍ପ ଋଣ ପ୍ରଦାନ, ସରକାରୀ ଓ ବେସରକାରୀ ସଂସ୍ଥାରେ ଆଉଟସୋର୍ସିଂ ନିଯୁକ୍ତି ବନ୍ଦ ଓ ଜିଲାରେ ମେଡିକାଲ କଲେଜ ସ୍ଥାପନ କରାଯାଉ ବୋଲି ମଞ୍ଚ ଦାବି କରିଛି। ଭୂବନ୍ଦୋବସ୍ତସମୟରେ ହୋଇଥିବା ତ୍ରୁଟି ସଂଶୋଧନ କରି ତୁରନ୍ତ ଜନଜାତି ଲୋକଙ୍କୁ ତୁରନ୍ତ ଜମିପଟ୍ଟା ପ୍ରଦାନ କରାଯାଉ ଏବଂ ଖାଲି ପଡିଥିବା ପଦବୀ ତୁରନ୍ତ ପୂରଣ କରିବାକୁ ମଞ୍ଚ ଦାବି କରିଛି। ଦାବିପତ୍ର ପ୍ରଦାନ ସମୟରେ ଅଖିଳ ଭାରତୀୟ ଭତ୍ରା ସମାଜର ଜିଲା ସଭାପତି ଅର୍ଜୁନ ଭତ୍ରା, ଆଦିବାସୀ ଜନଜାତି ଅଧିକାର ମଞ୍ଚର ରାଷ୍ଟ୍ରୀୟ ଅଧ୍ୟକ୍ଷ ହାରାବତୀ ଗଣ୍ଡ, ସନରାଜ ଗଣ୍ଡ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗୌରୀ ଶଙ୍କର ମାଝି, ରତନ ମାଝି, ଲଛମନ ଭତ୍ରା, କମୁଲୁ ହରିଜନ, ଚନ୍ଦ୍ର ପ୍ରଭାକର ପୂଜାରୀ, ରାମସିଂ ପୂଜାରୀଙ୍କ ସମେତ ମଞ୍ଚର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ବିଶ୍ୱ ଆଦିବାସୀ ଦିବସକୁ ସରକାରୀ ଛୁଟି ଘୋଷଣା କରାଯାଉ

ଉମରକୋଟ, ୯।୮(ସ୍ୱ.ପ୍ର.)

ବିଶ୍ୱ ଆଦିବାସୀ ଦିବସକୁ ରାଜ୍ୟ ସରକାର ଛୁଟି ଘୋଷଣା କରନ୍ତୁ। ଏହି ପ୍ରସଙ୍ଗ ବିଧାନସଭାରେ ଉଠାଇବି ବୋଲି ୨୭ତମ ବିଶ୍ୱ ଆଦିବାସୀ ଦିବସ ପାଳନ ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ ଦାବି କରିଛନ୍ତି।

ଆଦିବାସୀଙ୍କ ଶିକ୍ଷା ଓ ଅର୍ଥନୈତିକ ବିକାଶ ନ ହେବା ପର୍ଯ୍ୟନ୍ତ ସରକାରଙ୍କ କୌଣସି ଯୋଜନା ସଫଳ ରୂପାୟନ ହୋଇ ପାରିବ ନାହିଁ ବୋଲି ସେ କହିଛନ୍ତି। ତେଣୁ ଆଦିବାସୀଙ୍କ ଶିକ୍ଷା, ଆର୍ଥିକ ବିକାଶ ଦିଗରେ ସେ ଗୁରୁତ୍ୱ ଦେଇଥିଲେ। ଏଥିସହ ଜନଜାତି ବିକାଶ ମଞ୍ଚର ସଭାଗୃହ ପାଇଁ ୫ ଲକ୍ଷ ଟଙ୍କା ନିଜସ୍ୱ ପାଣ୍ଠିରୁ ଦେବା ପାଇଁ ଘୋଷଣା କରିଥିଲେ। ସମ୍ମାନିତ ଅତିଥିଭାବେ ଉମରକୋଟ ବ୍ଲକ ଅଧ୍ୟକ୍ଷା ଲାଇବନ ଭକ୍ତ ଯୋଗ ଦେଇଥିଲେ। ପ୍ରତିବର୍ଷ ଆଡ଼ମ୍ବର ସହକାରେ ଆଦିବାସୀ ଦିବସ ପାଳନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉମରକୋଟ ବ୍ଲକ ଜନଜାତି ବିକାଶ ମଞ୍ଚ ସଭାପତି ରାଜମନ ଭତରା, ଗଣ୍ଡ ସମାଜର ଚେତୁ ପାଇକ, ଉମରକୋଟ ଭତରା ସମାଜ ସଭାପତି ଡମ୍ବରୁଧର ପୂଜାରୀ, ରାଜ ଗଣ୍ଡ ସମାଜ ଉପଦେଷ୍ଟା ଲଛମନ ମାଝି, ଉମରକୋଟ ଜାନି ସମାଜ ସଭାପତି ଯୁଗଧର ଜାନି, ବଞ୍ଜାରା ସମାଜ ସଭାପତି ମିଟୁ ବଞ୍ଜାରା, କୁଇ ସମାଜ ସଭାପତି କୃତ୍ତିବାସ ସାନ୍ତା, ଜନଜାତି ବିକାଶ ମଞ୍ଚ ଉପଦେଷ୍ଟା ପ୍ରତାପ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷକ ରାଜମନ ଭତରା ମଞ୍ଚ ପରିଚାଳନା କରିଥିଲେ। କାର୍ଯ୍ୟକ୍ରମକୁ ବୀର ସିଂ ମାଝୀ, ତ୍ରିନାଥ ଗଣ୍ଡ, ମୁରଲୀ ଧର ଭତରା, ହୀରାପୁର ସରପଞ୍ଚ କାମ ସିଂ ମାଝି, ଭୋଜନାଥ ଗଣ୍ଡ ପ୍ରମୁଖ ପରିଚାଳନା କାରିଥିଲେ। କ୍ଷୀରୋଦ ଚନ୍ଦ୍ର ମାଝୀ ଧନ୍ୟବାଦ ଦେଇଥିଲେ।

# ସବୁ ବ୍ଲକରେ ଶୀତଳଭଣ୍ଡାର ଖୋଲାଯାଉ

ନବରଙ୍ଗପୁର,୯।୮(ବି.ପ୍ର)

ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ନବରଙ୍ଗପୁର ଜିଲା କମିଟି ପକ୍ଷରୁ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଭାସ୍କର ରଇତଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଜଙ୍ଗଲ ଅଧିକାର ଆଇନ ୨୦୦୬, ସଂଶୋଧନ ଆଇନ ୨୦୧୨ ଯଥାଶୀଘ୍ର କାର୍ଯ୍ୟକାରୀ କରାଯାଉ ବୋଲି ଦାବି କରାଯାଇଛି। ଯେଉଁମାନଙ୍କୁ ଜଙ୍ଗଲ ଜମି ପଟ୍ଟା ମିଳିଛି, ସେମାନଙ୍କୁ ମଣ୍ଡିରେ ଧାନ, ମକା, ମାଣ୍ଡିଆ ବିକ୍ରି କରିବାକୁ ଅଧିକାର ମିଳୁ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଗରିବ ଆଦିବାସୀ ଓ ମୂଳନିବାସୀଙ୍କଠାରୁ ଅଧିକ ଖଜଣା ଆଦାୟ ବନ୍ଦ କରାଯାଉ। ଭୂମିହୀନଙ୍କୁ ଜିଲା ରାଜସ୍ୱ ବିଭାଗ ପକ୍ଷରୁ ୪ ସେଣ୍ଟ ଘରବାରି ପଟ୍ଟା ଦିଆଯାଇଛି। ସେ ସ୍ଥାନ ଚିହ୍ନଟ କରାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ହୋଇଛି। ଗ୍ରାମସଭାର ବିନାନୁମତିରେ ଖୋଲାଯାଇଥିବା ଦେଶୀ ଓ ବିଦେଶୀ ମଦ ଦୋକାନ ଏବଂ ମଦଭାଟିକୁ ବନ୍ଦ କରାଯାଉ।





ଓଡ଼ିଶା ଆଦିବାସୀ ଅଧିକାର ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ଖାଲି ପଡ଼ିଥିବା ପଦବୀରେ ଜିଲାଭିତ୍ତିକ ନିଯୁକ୍ତି ପ୍ରଦାନ କରାଯାଉ। ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ ଏବଂ ଉମରକୋଟ ଉପଖଣ୍ଡସ୍ତରୀୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ମଚାରୀ ପଦବୀ ପୂରଣ କରାଯିବାକୁ ଦାବି ହୋଇଛି। ଉମରକୋଟରେ ଶ୍ରମ ବିଭାଗ କାର୍ଯ୍ୟାଳୟ, ଉପଜିଲାପାଳ କାର୍ଯ୍ୟାଳୟ ଏବଂ ରକ୍ତଭଣ୍ଡାର ଖୋଲାଯାଉ। ସରକାରୀ କଲେଜରେ ସ୍ନାତକ ପାଠ୍ୟକ୍ରମ ସହ ତୁରନ୍ତ ପ୍ରତ୍ୟେକ ପଞ୍ଚାୟତରେ ବିଜ୍ଞାନ, କଳା, ବାଣିଜ୍ୟ, ଦ୍ୱାଦଶ ସରକାରୀ ମହାବିଦ୍ୟାଳୟ ଖୋଲାଯାଉ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଜିଲାର ସବୁ ବ୍ଲକରେ ସରକାରୀ ଶୀତଳଭଣ୍ଡାର ଖୋଲିବା ସହ ସମସ୍ତ ଚାଷଜମିକୁ ଜଳସେଚନର ସୁବିଧା ଶୀଘ୍ର ପ୍ରଦାନ କରାଯାଉ ବୋଲି ଦାବି ଉପସ୍ଥାପନ କରିଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଜିଲା ସଭାପତି କପୁର ଚାନ୍ଦ ସୋରି, ସମ୍ପାଦକ ରାଜେଶ ଯାନୀ, ସାଲିମଧର ଯାନୀ, ନୂଆଖାଉ ଭତରା, ରବି ସାନ୍ତାଙ୍କ ସମେତ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ।

# କ୍ଷତିପୂରଣ ଦେବାକୁ କଲ୍ୟାଣ ମଣ୍ଡପ ମାଲିକଙ୍କ ଦାବି

ନବରଙ୍ଗପୁର,୯।୮ (ବି.ପ୍ର.)

କରୋନା ମହାମାରୀ ଜନିତ ତାଲା ବନ୍ଦ ହେତୁ କଲ୍ୟାଣ ମଣ୍ଡପ ମାଲିକ, ଟେଣ୍ଟ ଲାଇଟ ଆଣ୍ଡ ସାଉଣ୍ଡ , କ୍ୟାଟରିଂ ଏବଂ ଫୁଲ ଦୋକାନ ମାଲିକମାନେ ଅନେକ କ୍ଷତି ସହିଛନ୍ତି। ଏବେ ସମସ୍ତେ ପରିବାର ଚଳାଇବା ଚିନ୍ତାରେ। ଏ ନେଇ ସଂଘ ମାଲିକମାନେ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କ ଜରିଆରେ ୭ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ସ୍ଥାନୀୟ ଜଗନ୍ନାଥ ମନ୍ଦିର ନିକଟରୁ ସମସ୍ତେ ଏକ ଶୋଭାଯାତ୍ରାରେ





ବାହାରିଥିଲେ। ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ପହଞ୍ଚି ଦାବି ଜଣାଇଥିଲେ। ମାଲିକମାନଙ୍କୁ ହୋଇଥିବା ବ୍ୟବସାୟିଜନୀକ କ୍ଷତିର କ୍ଷତିପୂରଣ ଦେବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଟେଣ୍ଟ ଓ କଲ୍ୟାଣ ମଣ୍ଡପ ବ୍ୟବସାୟ ଜନିତ ସମସ୍ତ ଋଣଛାଡ, ଆଧୁନିକରଣ ପାଇଁ ବିନା ସୁଧରେ ନୂଆ ଋଣ ଦେବାକୁ ସଂଘ ଦାବି କରିଛି। କଲ୍ୟାଣି ମଣ୍ଡପ ଓ ଟେଣ୍ଟ ସାମଗ୍ରୀ ପରିବହନ ପାଇଁ ମାଲିକମାନେ କିସ୍ତିରେ ଆଣିଥିବା ଯାନବାହନର କିସ୍ତି, ବୀମା ଅର୍ଥ ଓ ଟ୍ୟାକ୍ସ ଏକ ବର୍ଷ ପାଇଁ ଛାଡ଼ କରିବାକୁ କୁହାଯାଇଛି। ବିବାହ ମଣ୍ଡପ, କଲ୍ୟାଣ ମଣ୍ଡପ, ଟାଉନ ହଲ୍, ଗୋଦାମ ଗୃହର ଲିଜ୍ ଅର୍ଥ ଏକ ବର୍ଷ ପାଇଁ ଛାଡ଼ ସହ ଅନ୍ୟ ସାହାଯ୍ୟ ସହଯୋଗ ପ୍ରଦାନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ୫୦ ଜଣ ପରିବର୍ତ୍ତେ ୩୦୦ଜଣଙ୍କୁ ସମାଜିକ କାର୍ଯ୍ୟକ୍ରମରେ ଯୋଗ ଦେବାପାଇଁ ଅନୁମତି ପ୍ରଦାନ କରିବାକୁ ସଂଘ ପକ୍ଷରୁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ଦୁର୍ଗା ମାଧବ ରଥ, ବିକେ ମହାନ୍ତିଙ୍କ ସମେତ ମାଲିକ ସଂଘର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଖାଲି ହାତରେ ଫେରିଲା ପୋଲିସ, ସାଇଣ୍ଟିଫିକ୍ ଟିମ୍

ଉମରକୋଟ, ୯।୮(ସ୍ୱ.ପ୍ର.)



ଘଟଣାସ୍ଥଳରେ ପୋଲିସ ଓ ସାଇଣ୍ଟିଫିକ୍ ଟିମ୍ ତଦନ୍ତ କରୁଛି।

ଜଣେ ମହିଳାଙ୍କ ମୃତଦେହ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ଭାମିନୀ ପଞ୍ଚାୟତ ତାରାବେଡ଼ା ଜଙ୍ଗଲରେ ପୋତାଯାଇଥିବା ଖବର ରବିବାର ସନ୍ଧ୍ୟାରେ ପ୍ରଚାର ହୋଇଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଏସ୍‌ପିଙ୍କୁ ଜଣାଇଥିଲା। ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍‌କୁ ଡକାଗଲା। ରାତି ବେଶି ହୋଇଥିବାରୁ ସେମାନେ ସୋମବାର ସକାଳୁ ଘଟଣାସ୍ଥଳରେ ପହଞ୍ଚିଥିଲେ। ରାତି ସାରା ଉକ୍ତ ଜାଗାରେ ଉମରକୋଟ ପୋଲିସର ଛାଉଣୀ ଥିଲା। ସକାଳୁ ଡଗ୍ ସ୍କ୍ୱାଡ୍ ଓ ସାଇଣ୍ଟିଫିକ୍ ଟିମ୍ ସେଠାରେ ପହଞ୍ଚି ଖୋଳାଖୋଳି କରିବା ପରେ ସେଠାରୁ ମୃତଦେହ ମିଳି ନ ଥିଲା। କେହି ଜାଣିଶୁଣି ପୋଲିସକୁ ହଇରାଣ କରିବାକୁ କେବଳ ଶାଢ଼ି ପୋତିଥିବା ଜଣାପଡିଛି। ଘଟଣା ପ୍ରଚାର ହେବାପରେ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଖୋଜି ଦଣ୍ଡ ଦେବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି।

ପ୍ରକାଶ ଯେ, ତାରାବେଡ଼ା ଜଙ୍ଗଲରେ ଅଧାପୋତା ୨ଖଣ୍ଡ ନାରଙ୍ଗୀ ଶାଢ଼ି ଦେଖି କେତେଜଣ ଭାମିନି ସରପଞ୍ଚ କୃଷ୍ଣ ମାଝିଙ୍କୁ ଜଣାଇଲେ। ସରପଞ୍ଚ ଉମରକୋଟ ଥାନାଧିକାରୀ ନରେଶ ପ୍ରଧାନଙ୍କୁ ଏ ନେଇ ଜଣାଇବାପରେ ସେ ସେଠାରେ ପହଞ୍ଚିଥିଲେ।

**ମହିଳାଙ୍କ ମୃତଦେହ ପୋତାଯାଇଥିବା ଗୁଜବ**

କୋରାପୁଟରୁ ଡଗ୍ ସ୍କ୍ୱାଡ୍ ଓ ଅନୁସନ୍ଧାନୀ ଟିମ୍‌କୁ ଡକାଯାଇଥିଲା। ସୋମବାର ଅପରାହ୍ନ ୩ଟାରେ ଅନୁସନ୍ଧାନ କୁକୁର ଧରି ୫ ଜଣିଆ ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଉକ୍ତ ସ୍ଥାନକୁ ଖୋଳିଥିଲେ। କିନ୍ତୁ ସେଠାରୁ କିଛି ବାହାରି ନ ଥିଲା। ଏହାର ତଦନ୍ତ କରି ପ୍ରଶାସନକୁ ହଇରାଣ କରିଥିବା ବ୍ୟକ୍ତିଙ୍କୁ ଦଣ୍ଡିତ କରାଯାଉ ବୋଲି ଉମରକୋଟ ଓକିଲ ସଂଘ ସମ୍ପାଦକ ସନ୍ତୁନୁ ବାହିନୀପତି କହିଛନ୍ତି।

# ସାର ଅଭାବ ପ୍ରତିବାଦରେ ଦାବିପତ୍ର ଦେବ କଂଗ୍ରେସ

ଡାବୁଗାଁ/ନବରଙ୍ଗପୁର, ୯।୮ (ଡି.ଏନ୍.ଏ./ବି.ପ୍ର.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପରେ ଜିଲା କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ଓ ସାଧାରଣ ସଭା ସଭାପତି ମନୋରଞ୍ଜନ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ପ୍ରଦୀପ ମାଝି, ପୂର୍ବତନ ବିଧାୟକ ସଦନ ନାୟକ, ଭୁଜବଳ ମାଝି ଉପସ୍ଥିତ ଥିଲେ। ଡାବୁଗାଁ ବ୍ଲକ୍ ସଭାପତି ସାଇ ରାଜୁ ସ୍ୱାଗତ ଭାଷଣ ଦେଇଥିଲେ।

ସାର ଅଭାବ ପ୍ରତିବାଦରେ ୧୨ ତାରିଖରେ ଜିଲାର ସବୁ ବ୍ଲକ, ତହସିଲ ଓ ଦୁଇ ପୌରପରିଷଦରେ ରାଜ୍ୟପାଳ ଏବଂ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। କ୍ଷମତା ଅପେକ୍ଷା ସାଧାରଣ



ବୈଠକରେ ଉପସ୍ଥିତ କଂଗ୍ରେସ ନେତା ଓ କର୍ମୀ।

ଲୋକଙ୍କ ଦାବି ପାଇଁ ଆନ୍ଦୋଳନ କରିବା ଏକ ଶ୍ରେୟମୁକ୍ତ ରାଜନୀତି ବୋଲି ପ୍ରଦୀପ ମାଝି କହିଥିଲେ। ସରୋଜ ପାତ୍ର, ଯୁବନେତା ଦ୍ୱାରିକା ମହାପାତ୍ର ଆଲୋଚନାରେ ସାମିଲ ହୋଇଥିଲେ। ଯୁବ କଂଗ୍ରେସ ପ୍ରତିଷ୍ଠା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦୀପ ମାଝି ଯୁବ କଂଗ୍ରେସର ଦଳୀୟ ପତାକା ଉତ୍ତୋଳନ କରିଥିଲେ। ପୂର୍ବତନ ଏମ୍‌ପି ଭଗବାନ୍ ମାଝି, ପିସିସି ସଭ୍ୟ ଗୋକୁଳ ପଟ୍ଟନାୟକ, ଗୁପ୍ତ ବିଶୋଇ, ଦୁର୍ଲଭ ଗୌଡ଼, ଆକବର ହୁସେନ, ଈଶ୍ୱର ମିର୍ଗାନ୍, ଭୀମ ପାଣିଗ୍ରାହୀ, ରୁନା ଦାସ, ପ୍ରକାଶ ପଣ୍ଡା, ପଦମ୍ ସାଇ ମାଳି, ଜିଲା ପରିଷଦ ସଭ୍ୟ ଯୁଗଧର ମାଝି, ମାଳତୀ ମାଝି, ପଞ୍ଚାୟତ ସମିତି ଅଧ୍ୟକ୍ଷ ବଂଶୀଧର ମାଝି, ବରିଷ୍ଠ ନେତା ସତ୍ୟନାରାୟଣ ତ୍ରିପାଠୀ, ବାସୁଦେବ ପଟ୍ଟନାୟକ ପ୍ରମୁଖ ସହ ଅନେକ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ଦାବି ପୂରଣ ନ ହେଲେ ୧୬ରୁ ଆନ୍ଦୋଳନ

ନବରଙ୍ଗପୁର,୯।୮(ବି.ପ୍ର.)



ଓଡ଼ିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ନିର୍ଦ୍ଦେଶକ୍ରମେ ନବରଙ୍ଗପୁର ଜିଲା ଶାଖା ସଦସ୍ୟମାନେ ସୋମବାର ଜିଲାପାଳଙ୍କୁ ଦାବି ଜଣାଇବାକୁ ଆସିଥିଲେ। ଜିଲାପାଳଙ୍କ ଅନୁପସ୍ଥିତି ଯୋଗୁ ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ମୁଖ୍ୟ ପ୍ରଶାସକଙ୍କ ଉଦ୍ଦେଶ୍ୟରେ ଦିଆଯାଇଥିବା ଦାବିପତ୍ରକୁ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଗ୍ରହଣ କରିଛନ୍ତି। ଜିଲା ମଞ୍ଚ ସଭାପତି ବଂଶୀଧର ଭୂୟାଁ ଓ ସମ୍ପାଦକ ଶମ୍ଭୁ ପ୍ରସାଦ ହୋତାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଭିନ୍ନ ହାଇସ୍କୁଲ ଓ କଲେଜରୁ ପ୍ରାୟ ୩୦ ଜଣ ଶିକ୍ଷକ ଦାବିପତ୍ର ଦେବାକୁ ଯାଇଥିଲେ। ସପ୍ତମ ବେତନ ଲାଗୁ, ଛଡ଼ାଯାଇଥିବା ସ୍କୁଲ କଲେଜକୁ ନୂତନ ଜିଆଇଏ ପ୍ରଦାନ, ସମସ୍ତଙ୍କ ପାଇଁ ଚାକିରି ସର୍ତ୍ତାବଳୀ ଲାଗୁ, ବିଭିନ୍ନ ସ୍କୁଲ କଲେଜରେ ଖାଲିଥିବା ପଦବୀ ପୂରଣ, ଅବସର ବୟସ ସୀମା ୬୦ରୁ ୬୨କୁ ବୃଦ୍ଧି କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ସରକାର ଯଦି ଏଇ ଦାବିଗୁଡ଼ିକୁ ବିଚାରକୁ ନ ନିଅନ୍ତି, ତେବେ ୧୬ରୁ ରାଜ୍ୟସ୍ତରୀୟ ଆଲୋଚନା, ସଭା ଓ ଆନ୍ଦୋଳନ କରାଯିବ ବୋଲି ସଂଘ ଚେତବାନୀ ଦେଇଛି। ଜିଲା ମଞ୍ଚ ଆବାହକ ସନ୍ତୋଷ ସାହୁ ଏହାକୁ ପରିଚାଳନା କରିଥିଲେ।

# ଅନ୍ଧାରରେ ଗାଁ, ଧାରଣାଦେଲେ ଗ୍ରାମବାସୀ

ଉମରକୋଟ, ୯।୮(ସ୍ୱ.ପ୍ର.)

ଟାଟା କମ୍ପାନୀ ହାତକୁ ବିଦ୍ୟୁତ୍ ବିଭାଗ ହସ୍ତାନ୍ତର ପରେ ଲୋକେ ଠିକ୍ ଭାବେ ବିଦ୍ୟୁତ୍ ସେବା ପାଇବେ ବୋଲି ଆଶା କରାଯାଉଥିଲା। କିନ୍ତୁ ଫଳ ଶୂନ। ୬ମାସ ହେବ ଅନ୍ଧାରରେ ଥିବା ଉମରକୋଟ ବ୍ଲକ ତହରା ପଞ୍ଚାୟତ କିରାପାଣୀ ଗ୍ରାମବାସୀ ସୋମବାର ସ୍ଥାନୀୟ ବିଦ୍ୟୁତ୍ କାର୍ଯ୍ୟାଳୟକୁ ଆସି ଧାରଣା ଦେଇଛନ୍ତି। ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ସହ ଆଲୋଚନା ପରେ ଧାରଣା ହଟିଥିଲା।

୬ ମାସ ତଳେ ଗ୍ରାମରେ ଲାଗିଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମର କୌଣସି କାରଣରୁ ପୋଡ଼ି ଯାଇଥିଲା। ଏବେ ସୁଦ୍ଧା ତାହାର ମରାମତି ନ ହେବାରୁ ଗ୍ରାମବାସୀ ଅନ୍ଧାରରେ ରହିବାକୁ ବାଧ୍ୟ ହେଉଛନ୍ତି। ଗ୍ରାମରେ ପ୍ରାୟ ୭୦ରୁ ୮୦ ପରିବାର ବସବାସ କରନ୍ତି। ଗ୍ରାମବାସୀ ଅନେକ ଥର ବିଭାଗୀୟ ଅଧିକାରୀଙ୍କୁ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳିନି। ଏହା ବିରୋଧରେ ସୋମବାର ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ସନତ ଠାକୁର ଓ କେତେଜଣ କର୍ମୀଙ୍କ ନେତୃତ୍ୱରେ ଗ୍ରାମବାସୀ ସ୍ଥାନୀୟ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟକୁ ଆସି ଧାରଣାରେ ବସିଥିଲେ। ଖବରପାଇ ବିଭାଗୀୟ ସହକାରୀ ଯନ୍ତ୍ରୀ ସୁଶାନ୍ତ କୁମାର ସେନାପତି ଓ କନିଷ୍ଠ ଯନ୍ତ୍ରୀ ଜ୍ଞାନବର୍ଦ୍ଧନ ବେହେରା ଗ୍ରାମବାସୀଙ୍କୁ ଉପରିସ୍ଥ ଅଧିକାରୀଙ୍କୁ କଥା କରାଇଥିଲେ। ଚଳିତ ସପ୍ତାହରେ ଟ୍ରାନ୍ସଫର୍ମର ଆସିବାର ଅଛି। ଆସିଲେ ପ୍ରଥମେ କିରାପାଣି ଗ୍ରାମରେ ଲଗାଯିବ ବୋଲି ଅଧିକାରୀ ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଆନ୍ଦୋଳନରୁ ଓହରିଥିଲେ। ଗ୍ରାମର ହୀରା ସିଂ ମାଝି, ସୁବାସ ମାଝି, ଯଦୁରାମ ଭତରା, ରତନ ଲହରା, ଜୟରାମ ମାଝି, ବୁଦ୍ଧୁରାମ ମାଝି ଓ ନେହେରୁ ମାଝି ପ୍ରମୁଖ ଧାରଣାରେ ସାମିଲ ହୋଇଥିଲେ।



ଗ୍ରାମବାସୀ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

# ୨୬ ପ୍ରତିଶତ କମ୍ ବର୍ଷା, ଚାଷୀ ହତାଶ

ରାଇଘର, ୯।୮(ଡି.ଏନ୍.ଏ.)

**■ ମରୁଡ଼ି ଆଶଙ୍କା**
**■ ମୁଣ୍ଡରେ ହାତ ଦେଲେଣି ଚାଷୀ**

ଚଳିତ ବର୍ଷ ସ୍ୱଳ୍ପ ବର୍ଷା ହୋଇଛି। ଏବେ ଚାଷୀଙ୍କୁ ଫସଲ ଚିନ୍ତା ଘାରିଛି। ଜିଲାରେ ଜଳସେଚନର ବ୍ୟାପକ ବ୍ୟବସ୍ଥା ନ ଥିବା ନବରଙ୍ଗପୁର ଜିଲା ରାଇଘରରେ ମରୁଡ଼ି ଆଶଙ୍କା ଦେଖାଦେଇଛି। ଋଣ କରି ଚାଷ କରିଥିବା ଚାଷୀ ମୁଣ୍ଡରେ ହାତ ଦେଲେଣି। ଋଣ କିପରି ଶୁଝିବେ, ପରିବାର ପ୍ରତିପୋଷଣ କପରି କରିବେ ସେ ନେଇ ଚାଷୀ ଏବେ ଚିନ୍ତାରେ।

ଜଳସେଚନ ବ୍ୟବସ୍ଥା ନ ଥିବା ଯୋଗୁ ଏହି ବ୍ଲକରେ ଚାଷୀ ସମ୍ପୂର୍ଣ୍ଣଭାବେ ବର୍ଷା ଉପରେ ନିର୍ଭର କରନ୍ତି। ମୌସୁମୀ ଆସିବା ପରେ ଚାଷ କାମ ଆରମ୍ଭ ହୋଇଥିଲା। କିନ୍ତୁ ଜୁନ୍ ଓ ଜୁଲାଇ ମାସରେ ନିଅଣ୍ଟିଆ ବର୍ଷା ଚାଷୀଙ୍କ ଆଖିରୁ ନିଦ ହଜାଇ ଦେଇଛି। ସାର ଅଭାବ ଏବଂ ଏବେ ସ୍ୱଳ୍ପ ବର୍ଷା ଚାଷୀଙ୍କ ନିଦ ହଜାଇ ଦେଇଛି। କୃଷି ଅଧିକାରୀ ମନୋଜ କୁମାର ଦେଙ୍କ ସୂଚନାନୁଯାୟୀ ରାଇଘର ବ୍ଲକରେ ଗତ ବର୍ଷଠାରୁ ୨୬ ପ୍ରତିଶତ କମ୍ ପରିମାଣର ବର୍ଷା ହୋଇଛି। ଜୁଲାଇ ଶେଷ ସୁଦ୍ଧା ୭ଶହ ମିଲିମିଟର ବର୍ଷାର ଆବଶ୍ୟକତା ରହିଥିବା ବେଳେ ୪ଶହ ମିଲିମିଟର ବର୍ଷା ହୋଇଛି। ଚଳିତ ସପ୍ତାହରେ ବର୍ଷା ନ ହେଲେ ରାଇଘର ବ୍ଲକର ଧାନଜମିର ସ୍ଥିତି ଗମ୍ଭୀର ହେବାକୁ ଯାଉଛି। ଅନେକ ସ୍ଥାନରେ ଜମି ଫାଟି ଆଁ କଲାଣି। ରାଇଘରଠାରୁ ଆରମ୍ଭକରି ଯୋଡ଼ିଙ୍ଗା, ନାକଟିସିମୋଡା, ଟିମନପୁର, ଗୋନା, ପାରୁଆ ଡୁରୁଡିହି, ପରଚିପାରା, ଜଲାଙ୍ଗପାରା ସବୁ ଅଞ୍ଚଳରେ ସ୍ଥିତି ସଙ୍ଗିନ। ଏହି ବ୍ଲକର ଅନେକ ପଞ୍ଚାୟତରେ କିଛି ବର୍ଷ ହେବ ହେବ ମରୁଡ଼ି ସ୍ଥିତି ଦେଖାଦେଉଛି। ଚଳିତ ବର୍ଷ ମଧ୍ୟ ମରୁଡି ଆଶଙ୍କା ରହିଛି। ଶ୍ରାବଣ ମାସରେ ଜମି ଫାଟି ଆଁ କରୁଥିବା ବେଳେ ଜଳସେଚନ ବ୍ୟବସ୍ଥା ନ ଥିବା ଯୋଗୁ ସମସ୍ୟା ଦେଖାଦେଇଛି। ରାଇଘର ବ୍ଲକର କେତେକ ପଞ୍ଚାୟତରେ ଚେକ୍ ଡ୍ୟାମ୍ ନିର୍ମାଣ ହୋଇଛି। କିନ୍ତୁ ବର୍ଷା ଅଭାବରୁ ଜଳ ସ୍ତର କମ୍‌ଥିବାରୁ ଉକ୍ତ ପ୍ରକଳ୍ପରୁ ଜମିକୁ ପାଣି ମିଳିବା ଆଶା କମ୍। ଅଧିକାଂଶ ଚେକ୍ ଡ୍ୟାମ୍ ଭାଙ୍ଗିଗଲାଣି। ଅନାବଶ୍ୟକ ସ୍ଥାନରେ ନିମ୍ନମାନର ଚେକ୍‌ଡ୍ୟାମ୍ କରାଯାଉଥିବାରୁ ତାହା ଅଳ୍ପ ଦିନରେ ଭାଙ୍ଗି ଯାଉଛି। ଉକ୍ତ ସମସ୍ୟା ସମ୍ପର୍କରେ ବାରମ୍ବାର ଅଭିଯୋଗ କରିବା ପରେ ମଧ୍ୟ ପ୍ରଶାସନ ପକ୍ଷରୁ ବିହିତ ପଦକ୍ଷେପ ଗ୍ରହଣ କରାଯାଉନାହିଁ। ଉକ୍ତ ସମସ୍ୟା ଯୋଗୁ ଚାଷୀ ହତାଶ। ଏବେ ଜମିକୁ ପାଣି ମଡ଼ାଯାଇପାରୁନାହିଁ। ବ୍ଲକରେ ଥିବା ନାଳଗୁଡିକ ଶୁଖିଲା ପଡିଛି। ଜଳ ସେଚନ କିମ୍ବା ନଦୀ ନାଳର ବ୍ୟବସ୍ଥା ନ ଥିବା ଯୋଗୁ ଏପରି ସମସ୍ୟା ଦେଖାଦେଇଛି। ବର୍ତ୍ତମାନ ରୁଆ କାର୍ଯ୍ୟ ଆରମ୍ଭ ହୋଇଯାଇଥିବାରୁ ପାଣି ଓ ସାରର ଆବଶ୍ୟକତା ଅଧିକ ରହିଛି। ଅନେକ ସ୍ଥାନରେ ତଳି ଉଠି ନାହିଁ। ତେଣୁ ବ୍ଲକର ଅନେକ ପଞ୍ଚାୟତରେ ରୁଆ କାର୍ଯ୍ୟ ଆରମ୍ଭ ହୋଇନାହିଁ। ଫଳରେ ଜମି ପଡିଆ ପଡିଛି। କିଛି ସ୍ଥାନରେ ରୁଆ କାର୍ଯ୍ୟ ହୋଇଥିଲେ ମଧ୍ୟ ପାଣି ଅଭାବରୁ ଅନେକ ବିଲ ଫାଟି ଆଁ କଲାଣି। ଯଦି ଏଭଳି ପରିସ୍ଥିତି ରୁହେ ତା'ହେଲେ ସମଗ୍ର ବ୍ଲକରେ ମରୁଡ଼ି ନିଶ୍ଚିତ ବୋଲି ଚାଷୀମାନେ କହିଛନ୍ତି।

ଧରିତ୍ରୀ
DHARITRI
ରାୟଗଡ଼ା, ମଙ୍ଗଳବାର, ୧୦ ଅଗଷ୍ଟ, ୨୦୨୧



## ଆଦିବାସୀ ଭତରା ବିକାଶ ପରିଷଦ ପକ୍ଷରୁ ଦାବିପତ୍ର

କୋଟପାଡ଼,(ଡି.ଏନ.ଏ.)- କୋରାପୁଟ ଜିଲା କୋଟପାଡ଼ ଆଦିବାସୀ ଭତରା ବିକାଶ ପରିଷଦ ପକ୍ଷରୁ ୯ ବିଶ୍ୱ ଆଦିବାସୀ ଦିବସ ପରିଷଦ କାର୍ଯ୍ୟାଳୟରେ ପାଳିତ ହୋଇଛି। ଏଥିରେ ଉକ୍ତ ଅଞ୍ଚଳର ବିଭିନ୍ନ ଆଦିବାସୀ ସଙ୍ଗଠନର ସଦସ୍ୟମାନେ ଯୋଗଦେଇଥିଲେ। ଆଦିବାସୀ ଲୋକଙ୍କୁ ଅଣଆଦିବାସୀ ଲୋକେ କିଭଳି ଜମିଜମା ସହ ଅନ୍ୟାନ୍ୟ କ୍ଷେତ୍ରରେ ଠକି ଫାଇଦା ନେଉଛନ୍ତି ସେ ନେଇ ଆଲୋଚନା ହେଉଥିଲା। ଏହି ଅବସରରେ ଶହୀଦ ଲକ୍ଷଣ ନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ପରେ ଏକ ଏକ ଶୋଭାଯାତ୍ରା ସହର ପରିକ୍ରମା କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ୮ଦଫା ସମ୍ବଳିତ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରାଯାଇଥିଲା।

## ସଂକ୍ଷେପରେ

### ବଳାତ୍କାର ଅଭିଯୋଗ, ଯୁବକ ଗିରଫ



କୋରୁକୋଣ୍ଡା,୯।୮ ( ଡି.ଏନ୍.ଏ.)- ଜଣେ ଯୁବତୀଙ୍କୁ ପ୍ରେମ ନିବେଦନକରି ବିଫଳ ହେବା ପରେ ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିବା ଓର୍କେଲ ଥାନାରେ ଅଭିଯୋଗ ହୋଇଛି। ପୋଲିସ ଘଟଣାର ତଦନ୍ତକରି ତାଙ୍କୁ ଗିରଫ କରିଛି। ସେ ହେଲେ ଓର୍କେଲ ଥାନା ଅନ୍ତର୍ଗତ ବାଲିମେଳା ଏନ୍ଏସିର ହାଇସ୍କୁଲ ସାହିର ମୁକେଶ ବାଘ। ଖବରରୁ ଜଣାପଡିଛି ଏନ୍ଏସିର ଆୟାପ୍ପା ମନ୍ଦିର ଲାଇନରେ ରହୁଥିବା ଜଣେ ୧୯ ବର୍ଷୀୟ ଯୁବତୀଙ୍କୁ ମୁକେଶ ଦୀର୍ଘ ୯ ମାସ ଧରି ପ୍ରେମ ନିବେଦନ କରିଆସୁଥିଲେ। ମାତ୍ର ଯୁବତୀ ଜଣଙ୍କ ପ୍ରତିଥର ତାଙ୍କୁ ମନା କରୁଥିଲେ। ଗତ ୭ ତାରିଖରେ ଅପରାହ୍ନ ୨ଟାରେ ମୁକେଶ ସମ୍ପୃକ୍ତା ଯୁବତୀଙ୍କୁ ପ୍ରେମ ନିବେଦନକରି ନିକଟସ୍ଥ ଡ୍ରାଇଭର ଲାଇନର ଜଣଙ୍କ ଘରକୁ ନେଇଯାଇ ତାଙ୍କୁ ବଳାତ୍କାର କରିଥିଲେ। ଏନେଇ ଯୁବତୀ ଜଣକ ନିଜ ପରିବାର ଲୋକଙ୍କୁ ଜଣାଇବା ପରେ ତାଙ୍କ ବାପା ୮ତାରିଖ ରାତିରେ ଓର୍କେଲ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏହାକୁ ଭିତ୍ତିକରି ପୋଲିସ କେସ୍ ନଂ . ୧୪୨/୨୧ରେ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରିଥିଲା। ପରେ ଅଭିଯୁକ୍ତ ମୁକେଶଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିବା ଥାନା ଅଧିକାରୀ ଜନ୍ ଖଜୁର କହିଛନ୍ତି ।

### ତାଲା ଭାଙ୍ଗି ଚୋରି

ଜୟପୁର,୯।୮ (ନି.ପ୍ର.)- ଜୟପୁର ସହର ବଙ୍ଗଳା ବାଡ଼ର ଦମକଳ ବିଭାଗ ସମ୍ମୁଖରେ ଥିବା ସୁନୀଲ ଜାନିଙ୍କ ଘରୁ ଦୁର୍ବୃତ୍ତମାନେ ସୋମବାର ଲକ୍ଷାଧିକ ଟଙ୍କାର ସୁନାଗହଣା ଓ ଟଙ୍କା ଚୋରି କରି ନେଇଛନ୍ତି । ସୁନୀଲଙ୍କ ପରିବାର ସହ ଗ୍ରାମକୁ ଯାଇଥିଲେ। ସେଠାରୁ ଫେରି ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଦୁର୍ବୃତ୍ତମାନେ ଘର ତାଲା ଭାଙ୍ଗି ଘରେ ପଶି ଆଲମାରିରୁ ସୁନାରିଙ୍ଗ, କାନଫୁଲ, ରୁପା ପାଉଁଜି ସହ ଅନ୍ୟାନ୍ୟ ସୁନା ଗହଣା ଏବଂ ୧୦ ହଜାର ଟଙ୍କା ଚୋରି କରି ନେଇଛନ୍ତି । ଏନେଇ ସେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଜାରି ରହିଛି।

### ଗାଡ଼ିମୋଟର ଯାଞ୍ଚ

ଦଶମନ୍ତପୁର, ୯।୮( ଡ଼ି.ଏନ.ଏ ) ଦଶମନ୍ତପୁର ପୋଲିସ ସୋମବାର ଗାଡିମୋଟର ଯାଞ୍ଚ କରି ୬ବାଇକ୍ ଓ କେତେକ ଭାରିଯାନଠାରୁ ୪ହଜାର ୫ଶହ ଟଙ୍କା ଜରିମାନା ଆଦାୟ କରିଛି। ଏଏସଆଇ ବାବୁଲା ପ୍ରଧାନଙ୍କ ନେତୃତ୍ୱରେ ଟିମ୍ ମଙ୍ଗରା ଗୁଡା ଗ୍ରାମ ଛକ ନିକଟରେ ଏହି ଯାଞ୍ଚ କରିଥିଲା।

### ୨୬୫ କେଜି ଗଞ୍ଜେଇ ଜବତ

କାଲିମେଳା, ୯।୮(ଡି.ଏନ.ଏ.)- ମାଲକାନଗିରି ଜିଲା କାଲିମେଳା ପୋଲିସ ଚଢାଉ କରି ଏକ ଅଟୋରୁ ୨୬୫ କେଜି ଗଞ୍ଜେଇ ଜବତ କରଛି। ଏଥିରେ ସମ୍ପୃକ୍ତ ୨ ଜଣଙ୍କୁ ଗିରଫ କରିଛି। ଜଡିତ ଥିବା ଅନ୍ୟଜଣେ ନାବାଳକଙ୍କୁ ମଧଧରାଯାଇଥିବା ଥାନା ଅଧିକାରୀ ଜଗଦୀଶ ବାରା କହିଛନ୍ତି। ଖବରରୁ ଜଣାପଡିଛି ଲୁଧିଆନା ପଞ୍ଜାବ ଅଞ୍ଚଳର ମଙ୍ଗତରାମ ନାମକ ଯୁବକ ପ୍ରାୟ ଏକ ମାସ ଧରି କାଲିମେଳା ହାଟପଦା ଅଞ୍ଚଳରେ ଭଡାରେ ରହିଆସୁଥିଲେ। ଭେଜାଙ୍ଗିବେଡା ବେହେରାଗୁଡା ଅଞ୍ଚଳର ପଦଲାମ ବେହେରା ନାମକ ଜଣେ ବ୍ୟକ୍ତିଙ୍କୁ ଗଞ୍ଜେଇ କିଣିବାକୁ ମଙ୍ଗତ ଟଙ୍କା ଦେଇଥିଲେ। ପଦଲାମ ଏହି ଗଞ୍ଜେଇ କିଣି ଗୋଟିଏ ଅଟୋ ଯୋଗେ ଆଣୁଥିବା ସମୟରେ ଏମଭି-୩୧ ଗ୍ରାମ ନିକଟରେ ପୋଲିସ ହାତରେ ଧରା ପଡିଥିଲେ । ଅଟୋରେ ଗଞ୍ଜେଇ ଥିବା ବେଳେ ଗୋଟିଏ ବାଇକ୍‌ରେ ପଦଲାମ ଓ ମଙ୍ଗତ ଆସୁଥିବା ସମୟରେ ପୋଲିସ ବାଇକ ଅଟକାଇ ଉଭୟଙ୍କ ଗିରଫ କରିଥିଲା । ଏକ ମାମଲାଳ ରୁଜୁ ହୋଇ ଅଧିକ ତଦନ୍ତ ଚାଲିଥିବା ପୋଲିସ କହିଛି।

### ଅର୍ଜୁନ କିର୍ଷାନି ହତ୍ୟା ମାମଲା ୩ ଧରାପଡିଲେ

ବୈପାରିଗୁଡା,୯।୮ (ଡି.ଏନ୍.ଏ.)- ବୈପାରିଗୁଡା ଥାନା ଅନ୍ତର୍ଗତ ଚିପାକୁର ପଞ୍ଚାୟତ କିର୍ଷାଲ ଗ୍ରାମରେ ଗତ ମାସରେ ହୋଇଥିବା ଅର୍ଜୁନ କିର୍ଷାନି ହତ୍ୟାକାଣ୍ଡରେ ସଂପୃକ୍ତ ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରି ସୋମବାର କୋର୍ଟଚାଲାଣ କରିଛି। ଅଭିଯୁକ୍ତମାନଙ୍କ ମଧରେ ଜଣେ ନାବାଳକ ଥିବା ବେଳେ ଅନ୍ୟ ୨ ଅଭିଯୁକ୍ତ ହେଲେ ସେହି ଗ୍ରାମର କୃଷ୍ଣ କିର୍ଷାନି ଓ ବୁଦୁ କିର୍ଷାନି । ପୂର୍ବରୁ ପୋଲିସ ଅର୍ଜୁନଙ୍କ ଦାଦା ଘାସି କିର୍ଷାନି ଓ ତାଙ୍କ ସହଯୋଗୀ ଘଡୁଆ କିର୍ଷାନିଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଜମିବାଡି ବିବାଦକୁ କେନ୍ଦ୍ରକରି ଉକ୍ତ ହତ୍ୟାକାଣ୍ଡ ଘଟିଥିଲା। କେସ୍ ନଂ. ୧୦୪/୨୧ ।

# ମିଳିତ ମଞ୍ଚ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର

କୋରାପୁଟ,୯।୮(ସ୍ୱ.ପ୍ର)

କ୍ରାନ୍ତି ଦିବସ ଅବସରରେ ରାଜ୍ୟ ସ୍କୁଲ ଓ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ସୋମବାର କୋରାପୁଟ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି । ଅନୁଦାନପ୍ରାପ୍ତ ଶିକ୍ଷକ ଓ କର୍ମଚାରୀମାନଙ୍କୁ ସପ୍ତମ ବେତନ ହାରରେ ଦରମା, ଅନୁଦାନ ପାଇ ନ ଥିବା ସ୍କୁଲ କଲେଜମାନଙ୍କୁ ଅନୁଦାନ, ଚାକିରି ସର୍ତ୍ତାବଳୀ ଓ ଅବସରକାଳିନ ସୁବିଧା ସୁଯୋଗ, ଚାକିରି ବୟସ ସୀମା ୬୦ରୁ ୬୨ ବର୍ଷକୁ ବୃଦ୍ଧି, ଖାଲିଥିବା ପଦବୀ ପୂରଣ ଆଦି ଦାବି ରହିଛି। ନିଖିଳ ଓଡିଶା ୬୬୨ ବର୍ଗ ଅଧ୍ୟାପକ ଓ କର୍ମଚାରୀ ସଂଘ ଜିଲା ଶାଖା ସଭାପତି ତ୍ରିନାଥ ପାତିକାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚି ଜିଲାପାଳଙ୍କ ଅନୁପସ୍ଥିତିରେ ସହକାରୀ ଜିଲାପାଳ ସାଗରିକା ଷଡଙ୍ଗୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା । ଏହି ସମୟରେ ଯୁକ୍ତ ୩ ସମ୍ପାଦକ କିଶୋର ଚନ୍ଦ୍ର ବେହେରା, ଉପସଭାପତି ଉଷାରାଣୀ ଦାସ, ଓସ୍ତାର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅଶୋକ କୁମାର ପଟ୍ଟନାୟକ, ଓସ୍ତା ଜିଲା ସଭାପତି ବଳଭଦ୍ର ପାୟକ, ବିଜୟ ଭଞ୍ଜ, ବନ୍ଦନା ପାଢୀ, ରାଜେନ୍ଦ୍ର ପଟ୍ଟନାୟକ, ସୁରଥ ଡାକୁଆ, ଆଲଫ୍ରେଡ ଉଇଲିୟମ ଡୁରୁକ, ତ୍ରୈଲୋଚନ ରଣା ପ୍ରମୁଖ ଉପସ୍ଥିତ ଥିଲେ ।




ମିଳିତ ମଞ୍ଚ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

# ୫୬ ଗାଡ଼ିରୁ ୫୨ ହଜାର ଜରିମାନା ଆଦାୟ



ବେଆଇନ ପାର୍କିଂ ହୋଇଥିବା ଏକ ଗାଡ଼ିଠାରୁ ପୋଲିସ ଜରିମାନା ଆଦାୟ କରୁଛି ।

**ଧରିତ୍ରୀ ପ୍ରଭାବ**

- ଖବର ପ୍ରକାଶ ପରେ ପୋଲିସର ତତ୍ପରତା

ସୁନାବେଡ଼ା,ସେମିଳିଗୁଡ଼ା,୯।୮(ସ୍ୱ.ପ୍ର.)

୨୬ନଂ. ଜାତୀୟ ରାଜପଥ ଉଭୟ ପାର୍ଶ୍ୱରେ ଗଢ଼ି ଉଠିଛି କୋରାପୁଟ ଜିଲା ସେମିଳିଗୁଡ଼ା ସହର। ନାଲ୍‌କୋ ଦାମନଯୋଡ଼ି ଏବଂ ହାଲ୍ ସୁନାବେଡା ଶିଳ୍ପାଞ୍ଚଳ ଅଧିବାସୀଙ୍କ ସମେତ ଆଖପାଖ ଗ୍ରାମାଞ୍ଚଳ ଲୋକେ ଏହି ସହର ଉପରେ ନିର୍ଭର କରିଥାନ୍ତି। ତେବେ ନାଲ୍‌କୋ ଛକଠାରୁ ସେମିଳିଗୁଡା ଭେଣ୍ଡିଂ ଜୋନ ପର୍ଯ୍ୟନ୍ତ ୩/୪ କି.ମି. ରାସ୍ତାର ଉଭୟ ପାର୍ଶ୍ୱରେ ଲୋକେ ବେପାରୁଆ ଗାଡି ପାର୍କିଂ କରି ରଖିଥାନ୍ତି। ଏଥିଯୋଗୁ ପଥଚାରୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେବା ସହ ଟ୍ରାଫିକ ସମସ୍ୟା ଉପୁଜଥାଏ । ଛୋଟବଡ ଦୁର୍ଘଟଣା ମଧ ଘଟିଥାଏ । ଏନେଇ ଗତ ୫ରେ ଧରିତ୍ରୀରେ ଖବର ପ୍ରକାଶ ପରେ ପୋଲିସ ପ୍ରଶାସନର ତତ୍ପରତା ପ୍ରକାଶ ପାଇଛି। ସୁନାବେଡା ପୋଲିସ ପକ୍ଷରୁ ଥାନା ଅଧିକାରୀ ପ୍ରଦ୍ୟୁମ୍ନ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନରେ ଏସ୍ଆଇ ମୁକୁନ୍ଦ ମେଲକା,ଏଏସ୍ଆଇ ଏସ୍‌ସିଏଚ୍ ବେହେରାଙ୍କ ସମେତ ଅନ୍ୟମାନେ ଉଭୟ ସୁନାବେଡ଼ା ଓ ସେମିଳିଗୁଡ଼ା ସହରର ବିଭିନ୍ନ ଅଞ୍ଚଳରେ କଡାକଡି ଯାଞ୍ଚକରି ଜାତୀୟ ରାଜପଥ ପାର୍ଶ୍ୱରେ ବେଆଇନ ଭାବେ ପାର୍କିଂ ହୋଇଥିବା ଗାଡ଼ି ମାଲିକଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଇଛି। ବିଭିନ୍ନ ସ୍ଥାନରୁ ୫୬ ଗାଡ଼ିକୁ ଧରି ଜରିମାନା ଆଦାୟ କରାଯାଇଛି। ଏ ବାବଦରେ ୫୨ ହଜାର ୫୦୦ ଶହ ଟଙ୍କା ଜରିମାନା ଆଦାୟ ହୋଇଥିବା ଏସ୍ଆଇ ମେଲକା କହିଛନ୍ତି। ଆଗାମୀ ଦିନରେ ମଧ ଏପରି କାର୍ଯ୍ୟାନୁଷ୍ଠାନ ଜାରି ରହିବ ବୋଲି ସେ କହିଛନ୍ତି।

# ୩ କି.ମି. ଭାରରେ ବୁହାହେଲେ ଗର୍ଭବତୀ

ଦଶମନ୍ତପୁର,୯।୮ (ଡି.ଏନ୍.ଏ.)

କୋରାପୁଟ ଜିଲାର ଅନେକ ଗ୍ରାମାଞ୍ଚଳକୁ ଏବେ ମଧ ଭଲ ରାସ୍ତାଟିଏ ନାହିଁ। ଫଳରେ ଯାତାୟାତରେ ସାଧାରଣ ଲୋକଙ୍କଠାରୁ ଗୁରୁତର ରୋଗୀଙ୍କ ପର୍ଯ୍ୟନ୍ତ ସମସ୍ତେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଏପରିକି ଗ୍ରାମଠାରୁ ମୁଖ୍ୟ ରାସ୍ତା ପର୍ଯ୍ୟନ୍ତ ରୋଗୀଙ୍କୁ ଭାରରେ ବୁହାହୋଇ ଆମ୍ବୁଲାନ୍ସ ପର୍ଯ୍ୟନ୍ତ ନିଆଯାଉଛି । ଏପରି ଏକ ଘଟଣା ଜିଲାର ଦଶମନ୍ତପୁର ବ୍ଲକ ଅନ୍ତର୍ଗତ ପିଣ୍ଡାପଦର ପଞ୍ଚାୟତର ନାରଗଛ ଗ୍ରାମରେ ଦେଖିବାକୁ ମିଳିଛି। ରବିବାର ବିଳମ୍ବିତ ରାତିରେ ଗ୍ରାମର ଡମ୍ବୁ ଦିଶାରିଙ୍କ ସ୍ତ୍ରୀ ଶିରିମତୀ ଦିଶାର ପ୍ରସବ ଯନ୍ତ୍ରଣା ଅନୁଭବ କରିବାରୁ ଡମ୍ବୁ ପ୍ରଥମେ ଗ୍ରାମର ଆଶାକର୍ମୀଙ୍କୁ ଜଣାଇଥିଲେ। ଆଶାକର୍ମୀ ଜଣକ ବିଳମ୍ବିତ ରାତିରେ ଡାକ୍ତରଖାନା ଯିବାକୁ ମନା କରିଥିଲେ। ଫଳରେ ଡମ୍ବୁ ୧୦୨ ଆମ୍ବୁଲାନ୍ସ ଗାଡ଼ିକୁ ଯୋଗାଯୋଗ କରିଥିଲେ। ଗ୍ରାମକୁ ଭଲ ରାସ୍ତା ନ ଥିବାରୁ ଗ୍ରାମଠାରୁ ୩ କି.ମି .ଦୂର ନେରକାଗୁଡା ଛକରେ ଆମ୍ବୁଲାନ୍ସ ଅଟକି ରହିଥିଲା। ଡମ୍ବୁ ସମ୍ପର୍କୀୟ ଲୋକଙ୍କ ସହାୟତାରେ ନାରଗଛରୁ ନେରକାଗୁଡା ଗ୍ରାମ ଛକ ପର୍ଯ୍ୟନ୍ତ ୩ କି.ମି. ଦୂର ଭାରରେ ବୋହି ଶିରିମତୀଙ୍କୁ ଆଣିବା ପରେ ସେଠାରୁ ଦଶମନ୍ତପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଶିରିମତୀଙ୍କ ଏକଶିଶୁପୁତ୍ର ଜନ୍ମ ହୋଇଛି।

## ଭାଜପାର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ

କୋରାପୁଟ,୯।୮(ସ୍ୱ.ପ୍ର)–

ରାଜ୍ୟ ଶାସକ ବିଜେଡି ଦଳର ନେତା ଓ କର୍ମୀମାନଙ୍କ ଦ୍ୱାରା ଦଳିତଙ୍କ ଉପରେ ବାରମ୍ବାର ଆକ୍ରମଣ ଓ ସମ୍ବିଧାନ ପ୍ରଣେତା ଡ. ବାବା ସାହେବ ଆମ୍ବେଦକରଙ୍କୁ ଅସମ୍ମାନ ଘଟଣାର ପ୍ରତିବାଦରେ ଭାଜପା ଅନୁସୁଚିତ ଜାତି ମୋର୍ଚ୍ଚା ଦ୍ୱାରା ସୋମାବର ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ଭାଜପା ଅନୁସୁଚିତ ଜାତି ମୋର୍ଚ୍ଚାର ଜିଲା ସଭାପତି ଭାଗୀରଥି ପାଟନିଆଙ୍କ ନେତୃତ୍ୱରେ କର୍ମକର୍ତ୍ତାମାନେ ଏକ ଶୋଭାଯାତ୍ରାରେ ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ । ବିକ୍ଷୋଭ ପ୍ରଦର୍ଶନ ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସହକାରୀ ଜିଲାପାଳ ସାଗରିକା ଷଡଙ୍ଗୀଙ୍କୁ ଏକ ଦାବିପତ୍ର ଦେଇଥିଲେ। ଆବାସ ଯୋଜନାରେ ହୋଇଥିବା ଦୁର୍ନୀତି, ଏମ୍ଏନଆରଇଜିଏସ୍‌ରେ ଅନିୟମିତତା, ଷ୍ଟାଫ ସିଲେକ୍ସନ କମିଟିରେ ହୋଇଥିବା ଦୁର୍ନୀତିର ତଦନ୍ତ କରିବାକୁ ଦାବି କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନ, ଜିଲା ସମ୍ପାଦକ ଚନ୍ଦ୍ର ଶେଖର ରଥ, ଜୟରାମ ଗରଡା, ରାଜ୍ୟ ଅନୁସୁଚିତ ଜାତି ମୋର୍ଚ୍ଚାର ସମ୍ପାଦକ ଜି. ସଞ୍ଜୀବ କୁମାର, ରାଜ୍ୟ ଏସି ମୋର୍ଚ୍ଚାର କାର୍ଯ୍ୟକାରୀ କମିଟିର ସଦସ୍ୟ ତ୍ରିପୁରାରୀ ଗରଡା, ମହିପାଳ ସିଂ, ସଂଯୁକ୍ତା ସେଠୀଙ୍କ ସମେତଅନ୍ୟମାନେ ସାମିଲ ହୋଇଥିଲେ।

# କଂଗ୍ରେସର କ୍ରାନ୍ତିଦିବସ ପାଳିତ

ଜୟପୁର/ଦଶମନ୍ତପୁର,୯।୮(ନି.ପ୍ର.)

ଜୟପୁରସ୍ଥିତ ଜିଲା କଂଗ୍ରେସ ଭବନଠାରେ ସୋମବାର କ୍ରାନ୍ତିଦିବସ ପାଳିତ ହୋଇଛି। କୋରାପୁଟ ଜିଲା ସଭାନେତ୍ରୀ ମୀନାକ୍ଷୀ ବାହିନୀପତିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବୁଲୁ ସାହୁ, ଜିଲା ଯୁବ ସଭାପତି ସୁକାନ୍ତ ପଟ୍ଟନାୟକ, ବ୍ଲକ କଂଗ୍ରେସ ସଭାପତି ବସନ୍ତ ନାୟକ, ଏ .ରମେଶ ଚିନ୍ନୁ, କାନ୍ତ ପାଢୀ, ଦୁର୍ଗା ଶର୍ମା, ଗିରୀଶ ପାଣିଗ୍ରାହୀ, ପିଲୁ ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ଆଜିର ଦିବସ ଉପରେ ଆଲୋକପାତ କରିଥିଲେ । ମହାତ୍ମା ଗାନ୍ଧୀ ଓ ଇନ୍ଦିରା ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ସମସ୍ତେ ଏକଜୁଟ ହୋଇ କାର୍ଯ୍ୟ କରିବା ପାଇଁ ସେ ଆହ୍ୱାନ ଦେଇଥିଲେ । ଆଗାମୀ ଦିନରେ କଂଗ୍ରେସ ପକ୍ଷରୁ କର୍ମୀ ଓ ନେତାମାନେ ଘର ଘର ବୁଲି ଲୋକଙ୍କୁ ସଚେତନ କରିବାକୁ ନିଷ୍ପତ୍ତି ହୋଇଥିଲା ।



ଜୟପୁରରେ ଗାନ୍ଧୀଜୀଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ।

ଦଶମନ୍ତପୁର ବ୍ଲକ କଂଗ୍ରେସ କମିଟି ପକ୍ଷରୁ ମଧ କ୍ରାନ୍ତିଦିବସ ପାଳିତ ହୋଇଯାଇଛି । ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ଥିବା ଜାତିର ପିତା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ କର୍ମକର୍ତ୍ତାମାନେ ପୁଷ୍ପମାଲ୍ୟ ଅର୍ପଣକରି ଶହୀଦମାନଙ୍କ ସ୍ମୃତିଚାରଣ କରିଥିଲେ। ଏହି ସମୟରେ ବ୍ଲକ କଂଗ୍ରେସ ସଭାପତି ବେଣୁଧର ପାତ୍ର, ଉପସଭାପତି ଉଦୟ ଚନ୍ଦ୍ର ହିଆଲ, ସମ୍ପାଦକ ମୋହନ ପାତ୍ର ହିଆଲ, ଯୁବ ସଭାପତି ସୁବାସ ଖୋସ୍‌ଲା, ଅର୍ଜୁନ ଚେଟି, ମନଧର ଖୋସ୍‌ଲା, ଚନ୍ଦ୍ର ବାଘ, ନୀଳକଣ୍ଠ ରାୟଙ୍କ ସମେତ ଅନ୍ୟମାନେ ଓ ସମସ୍ତ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।

# ମିଳିତ ଶ୍ରମିକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ

ଜୟପୁର, ୯।୮(ନି.ପ୍ର.)

ସର୍ବଭାରତୀୟ ମିଳିତ ଶ୍ରମିକ ସଙ୍ଗଠନର ଆହ୍ୱାନକ୍ରମେ ଐତିହାସିକ ଅଗଷ୍ଟ କ୍ରାନ୍ତି ଦିବସ ଅବସରରେ ସୋମବାର ଜୟପୁରଠାରେ 'ଭାରତ ବଞ୍ଚାଅ' ଦିବସ ପାଳିତ ହୋଇଛି। ଏହି ଅବସରରେ ଏନ୍ଏଚ୍-୨୬ ମୁଖ୍ୟ ରାଜପଥର ଟ୍ରାଫିକ ଛକଠାରେ ଆଇଏନ୍‌ଟିୟୁସି,ଏଆଇଟିୟୁସି,ଏଆଇୟୁଟିୟୁସି, ସିଆଇଟିୟୁ, ଏଆଇସିଟିୟୁ ପ୍ରମୁଖ ଟ୍ରେଡ୍ ୟୁନିୟନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା । ମୋଦି ସରକାର ଆସିବା ପରେ ଦେଶର ସମ୍ବିଧାନର ମୌଳିକ ଢାଞ୍ଚାକୁ କ୍ଷତି ପହଞ୍ଚାଇବାକୁ ଉଦ୍ୟମ ଆରମ୍ଭ ହୋଇଛି, ଶ୍ରମିକ ଓ ଚାଷୀଙ୍କ ଉପରେ ଆକ୍ରମଣ ଜାରି ରହିଛି। ଶ୍ରମିକ ବିରୋଧୀ ଶ୍ରମ ଆଇନ ସଂଶୋଧନ ବାତିଲ କରିବା, ସମସ୍ତଙ୍କୁ କାମ ଯୋଗାଇଦେବା, ଚାଷୀ ବିରୋଧୀ ତିନୋଟି ଯାକ କଳା କୃଷି ଆଇନ ବାତିଲ କରିବା, କରୋନା ମହାମାରୀ କାଳରେ ପ୍ରତି ପରିବାରକୁ ୭ ହଜାର ୫୦୦ ଟଙ୍କା ସହାୟତା ଯୋଗାଇଦେବାକୁ ବକ୍ତାମାନେ ଦାବି କରିଥିଲେ। ଏହି ବିକ୍ଷୋଭ ପ୍ରଦର୍ଶନ କାର୍ଯ୍ୟକ୍ରମରେ ପ୍ରମୋଦ ମହାନ୍ତି, ଯୁଧିଷ୍ଠିର ରାଉଳ, ସୁଭାଷ ଭଟ୍ଟାଚାର୍ଯ୍ୟ, ସୂର୍ଯ୍ୟ ବିଷୋୟୀ, ଉତ୍ତମ ମଲ୍ଲିକ, ନନ୍ଦ ହରିଜନ, ଭୁବନ କମାର, ବସନ୍ତ ବେହେରା, ରାମଚନ୍ଦ୍ର ବାରିକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସିପିଆଇ(ଏମ୍) ପକ୍ଷରୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଦାବିପତ୍ର

ରାୟଗଡ଼ା ଅଫିସ,୯।୮

ସିପିଆଇ(ଏମ୍) ରାୟଗଡ଼ା ଜିଲା କମିଟି ପକ୍ଷରୁ ସୋମବାର କୃଷି ଅଧିକାରୀଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜଙ୍କୁ ପ୍ରଦାନ କରାଯାଇଛି । ଭାରତ ବଞ୍ଚାଓ ଏବଂ କ୍ରାନ୍ତି ଦିବସ ଅବସରରେ ବିଭିନ୍ନ ଦାବି ଯଥା ପେଟ୍ରୋଲ ଓ ବିଦ୍ୟୁତ ଦର ହ୍ରାସ, ଅତ୍ୟାବଶ୍ୟକ ସାମଗ୍ରୀ ଦର ହ୍ରାସ, ସରକାରୀ ଓ ବେସରକାରୀ କର୍ମଚାରୀଙ୍କ ଦରମା ୨ ଗୁଣ କରିବା, ଶ୍ରମ ବିରୋଧୀ ୪ ଟି ଶ୍ରମ କୋଡ୍, କୃଷକ ବିରୋଧୀ ୩ କୃଷି ଆଇନ ଓ ବିଦ୍ୟୁତ୍ ଘରୋଇକରଣ ବିଲ୍ ବାତିଲ, ଡିସେମ୍ବର ୨୦୨୧ ସୁଦ୍ଧା ସମସ୍ତଙ୍କୁ ମାଗଣା ଟିକା ପ୍ରଦାନ, ଆୟକର ଦେଉ ନ ଥିବା ପ୍ରତ୍ୟେକ ପରିବାରକୁ ମାସିକ ୭୫୦୦ ଟଙ୍କା ଏବଂ ମୁଣ୍ଡ ପିଛା ୧୦ କିଲୋ ଚାଉଳ ଆଗାମୀ ୬ ମାସ ପର୍ଯ୍ୟନ୍ତ ପ୍ରଦାନ, ସରକାରୀ ଉଦ୍ୟୋଗର ଘରୋଇ କରଣ ବନ୍ଦ, ପ୍ରତ୍ୟେକ କରୋନା ଯୋଦ୍ଧାଙ୍କୁ ୫୦ ଲକ୍ଷ ଟଙ୍କାର ବୀମା ରାଶି ଘୋଷଣା, ଛାତ୍ରୀଛାତ୍ରଙ୍କ ପାଠ ପଢ଼ା ପାଇଁ ଓଡ଼ିଆ ଦୂରଦର୍ଶନ ଚାନେଲ ଜରିଆରେ ସୁନିଶ୍ଚିତ ବ୍ୟବସ୍ଥା ପ୍ରଭୃତି ଦାବି ନେଇ ଏକ ଦାବିପତ୍ର ଦିଆଯାଇଛି। ସିପିଆଇ(ଏମ୍)ରାୟଗଡ଼ା ଶାଖା ତରଫରୁ ସାଧାରଣ ସମ୍ପାଦକ ଦୋରା କଣ୍ଡାଗରି, ଏ. ନାଗା, ରବି ସୁନା ପ୍ରମୁଖ ଉପସ୍ଥିତ ଥିଲେ।

# ଚିତ୍ରକୋଣ୍ଡା ଷ୍ଟେଟବ୍ୟାଙ୍କରୁ ଚୋରି ଉଦ୍ୟମ

**କିଛି ନ ପାଇ ନିରାଶରେ ଫେରିଲେ**

ଚିତ୍ରକୋଣ୍ଡା,୯।୮(ଡି.ଏନ୍.ଏ.)–

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଭାରତୀୟ ଷ୍ଟେଟ ବ୍ୟାଙ୍କରୁ ରବିବାର ରାତିରେ ଚୋରି ଉଦ୍ୟମ ହୋଇଛି। କେହି ଦୁର୍ବୃତ୍ତ ବ୍ୟାଙ୍କର ମୁଖ୍ୟ ଗେଟ୍‌ର ତାଲା ଭାଙ୍ଗି ବ୍ୟାଙ୍କ ଭିତରକୁ ପଶିଥିଲେ। ବ୍ୟାଙ୍କ ଭିତରେ ଥିବା ବିଭିନ୍ନ କ୍ୟାଶ୍ କାଉଣ୍ଟର ଯାଞ୍ଚ ପରେ ଶାଖା ପରିଚାଳକଙ୍କ ଟ୍ରଙ୍କ୍ ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ହେଲେ କିଛି ନ ପାଇ ନିରାଶ ହୋଇ ଫେରିଥିବା ଜଣାପଡ଼ିଛି। ଏ ନେଇ ଚିତ୍ରକୋଣ୍ଡା ଏସ୍‌ବିଆଇ ଶାଖା ପରିଚାଳକ ସିଦ୍ଧାର୍ଥ ନାୟକ ଚିତ୍ରକୋଣ୍ଡା ଥାନା ଏତଲା ଦେଇଛନ୍ତି। ଥାନାରେ ୧୦୨/୨୧ରେ ଏକ ମାମଲା ରୁଜୁକରି ଚିତ୍ରକୋଣ୍ଡା ଥାନାଧିକାରୀ ଏବଂ ପୋଲିସ ଟିମ୍ ବ୍ୟାଙ୍କର ସିସିଟିଭି ଫୁଟେଜ୍ ଆଧାରଣରେ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ତେବେ ଚିତ୍ରକୋଣ୍ଡା ବ୍ୟାଙ୍କ ସହ ନିକଟରେ ଏଟିଏମ୍ ରହିଥିବାରୁ ଏହାର ସୁରକ୍ଷା ପାଇଁ ଦିନ ଏବଂ ରାତିରେ ସୁରକ୍ଷା କର୍ମୀ ନିୟୋଜିତ କରିବାକୁ ଦାବି ହେଉଛି।

# ଅଗଷ୍ଟ ୯କୁ ସରକାରୀ ଛୁଟି ଦିବସ ଘୋଷଣା ଦାବି

**ମାଲକାନଗିରିଃ ବିଶ୍ୱ ଆଦିବାସୀ ଦିବସ ପାଳିତ**

ମାଲକାନଗିରି,୯।୮(ଡି.ଏନ.ଏ.)

ମାଲକାନଗିରି ଜିଲା ସଦର ମହକୁମାଠାରେ ବିଭିନ୍ନ ଆଦିବାସୀ ସଂଘ ପକ୍ଷରୁ ସୋମବାର ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ସଂଘ ପକ୍ଷରୁ ନିଜ ନିଜ କାର୍ଯ୍ୟାଳୟରେ ପତାକା ଉତ୍ତୋଳନ ପରେ ସ୍ଥାନୀୟ ବସଷ୍ଟାଣ୍ଡସ୍ଥିତ ଡ.ବାବା ସାହେବ ଭୀମରାଓ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ବିଭିନ୍ନ ସ୍ଥାନରୁ ଆସିଥିବା ଜିଲା କନ୍ଧ ସମାଜ, ଆଦିବାସୀ ଭୂମିଆ କୂଳ ସମାଜ, ଜିଲା ଆଦିବାସୀ ସମାଜ ମହାସଂଘ, ଜିଲା ସାନ୍ତାଳ ସମାଜ ସମେତ ମୋଟ ୭ଟି ସଂଘ ପକ୍ଷରୁ ଶୋଭାଯାତ୍ରା କରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ଜିଲାରେ କନ୍ଧ ଶିକ୍ଷକ ନିଯୁକ୍ତି, ବିସ୍ଥାପିତ ହୋଇଥିବା କନ୍ଧ ଲୋକଙ୍କୁ ପଟ୍ଟା ପ୍ରଦାନ, ଜିଲାରେ ପେଶା ଆଇନ କାର୍ଯ୍ୟକାରୀ କରିବା, କନ୍ଧ ଜାତି ନାମରେ ଅନ୍ୟ ଜାତିକୁ କନ୍ଧ ଆଦିବାସୀ ଜାତିଗତ ପ୍ରମାଣପତ୍ର ଦେବା ବନ୍ଦ କରିବା ଅଗଷ୍ଟ ୯ ତାରିଖକୁ ସରକାରୀ ଛୁଟି ଘୋଷଣା କରିବା ଶିକ୍ଷିତ ଆଦିବାସୀଙ୍କୁ ନିଯୁକ୍ତି ପ୍ରଦାନ, ପ୍ରତ୍ୟେକ ଗ୍ରାମ ପଞ୍ଚାୟତରେ ଧାନ ମଣ୍ଡି ଖୋଲିବା ସହ ଅନ୍ୟାନ୍ୟ ଦାବି ଉଲ୍ଲେଖିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିଶାଳ ସିଂହଙ୍କୁ ପ୍ରଦାନ କରିଥିଲେ। ଜିଲା କନ୍ଧ ସମାଜର ସଭାପତି ଗୋପୀ ପାଙ୍ଗି, ସାଧାରଣ ସମ୍ପାଦକ ହରିବନ୍ଧୁ ଗୋଲରୀ, ଜିଲା ଆଦିବାସୀ ସମାଜ ମହାସଂଘ ଉପଦେଷ୍ଟା ସନୁ ଅନଗୁ, ଘେନୁ ମୁଦୁଲି, ସମ୍ପାଦକ ଭଦ୍ର ଦୁରୁଆ, ସଦସ୍ୟ ଜରା ଶବର ମାଡ଼ିଙ୍କ ସମେତ ସଂଘର ଶତାଧିକ କର୍ମକର୍ତ୍ତା ଏଥିରେ ସାମିଲ ହୋଇଥିଲେ।



ବିଶ୍ୱ ଆଦିବାସୀ ଦିବସ ଅବସରରେ ଏକାଠି ହୋଇଥିବା ଆଦିବାସୀ ନେତାମାନେ ।

# ଲ୍ୟାମ୍ପସ୍‌ରେ ସାର ମିଳୁନି, ଚଢ଼ା ଦରରେ କିଣୁଛନ୍ତି ଚାଷୀ

ବୈପାରିଗୁଡା,୯।୮ (ଡି.ଏନ୍.ଏ.)

ଚଳିତ ଖରିଫ ଋତୁରେ ଧାନ ଚାଷ ପାଇଁ ୟୁରିଆ ସାର ସ୍ଥାନୀୟ ଲ୍ୟାମ୍ପସରେ ଉପଲବ୍ଧ ହେଉନାହିଁ । ଫଳରେ ଚାଷୀଙ୍କୁ ବାହାରୁ ଚଢା ଦାମରେ ଏହା କିଣିବାକୁ ପଡୁଥିବା କେନ୍ଦୁଗୁଡା ପଞ୍ଚାୟତର କେତେକ ଚାଷୀ ଅଭିଯୋଗ କରିଛନ୍ତି। ୟୁରିଆ ସାର ଏବେ ସୁଦ୍ଧା ମାତ୍ର ୩ ଶହ ପ୍ୟାକେଟ ଆସିଥିବାରୁ ଏହା ସବୁ ଚାଷୀଙ୍କୁ ଯୋଗାଇବା ସମ୍ଭବ ହେଉନାହିଁ। ଏହାର ସୁଯୋଗ ନେଇ କେନ୍ଦୁଗୁଡା ଅଞ୍ଚଳର କେତେକ ବ୍ୟବସାୟୀ ସାର ପ୍ୟାକେଟ୍ ପିଛା ୫ ଶହରୁ ୭ ଶହ ଟଙ୍କାରେ ବିକ୍ରି କରୁଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ଲ୍ୟାମ୍ପସ ପରିଚାଳକ ନବୀନ୍ ପାତ୍ରଙ୍କୁ ପଚାରିବାରୁ ସେ କହିଲେ ଯେ, ଚଳିତ ଖରିଫ ଚାଷ ପାଇଁ ସେ ୫ ହଜାର ପ୍ୟାକେଟ୍ ୟୁରିଆ ସାର ଆବଶ୍ୟକ ଥିବା କର୍ତ୍ତୃପକ୍ଷଙ୍କୁ ଜଣାଇଥିଲେ। ମାତ୍ର ୩ ଶହ ପ୍ୟାକେଟ୍ ସାର ଆସିଥିବାରୁ ସମସ୍ତଙ୍କୁ ସାର ଦେବା ସମ୍ଭବ ହୋଇପାରୁନାହିଁ।

# ତୃଣମୂଳ ସ୍ତରରେ ଯୋଜନାଗୁଡ଼ିକୁ ପହଞ୍ଚାଇବାକୁ ଗୁରୁତ୍ୱ

**ଛାତ୍ର ବିଜେଡିର ବ୍ଲକ୍ ସ୍ତରୀୟ କର୍ମକର୍ତ୍ତା ବୈଠକ**

ଖଇରପୁଟ,୯।୮(ଡି.ଏନ୍.ଏ.)

ମାଲକାନଗିରି ଜିଲା ଛାତ୍ର ବିଜେଡି ପକ୍ଷରୁ ଖଇରପୁଟ ବ୍ଲକ ସ୍ତରୀୟ କର୍ମକର୍ତ୍ତା ବୈଠକ ସ୍ଥାନୀୟ ବ୍ଲକ ବିଜେଡି କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଥମେ ବିଜୁବାବୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ବୈଠକରେ ମାଲକାନଗିରି ଜିଲା ଛାତ୍ର ବିଜେଡିର ଜିଲା ପର୍ଯ୍ୟବେକ୍ଷକ ଶକ୍ତି ପ୍ରସାଦ ରଥ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ମାଲକାନଗିରି ବିଜେଡିର ଉପ ସଭାପତି ହୃଦାନନ୍ଦ ସାହୁ ସଭାପତିତ୍ୱ କରିଥିଲେ। ମୁଖ୍ୟବକ୍ତା ଭାବେ ଜିଲା ବିଜେଡିର ସାଙ୍ଗଠନିକ ସମ୍ପାଦକ ନୃସିଂହ ଚରଣ ମହାନ୍ତି ଯୋଗଦେଇ ରାଜ୍ୟ ସରକାରଙ୍କ ଲୋକାଭିମୁଖୀ ଯୋଜନାଗୁଡ଼ିକୁ ତୃଣମୂଳ ସ୍ତରରେ ପହଞ୍ଚାଇବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏହି କାଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ଜିଲା ଛାତ୍ର ବିଜେଡି ସଭାପତି ତାପସ ରଞ୍ଜନ ନାୟକ, ଜିଲା ଛାତ୍ର ବିଜେଡିର ଆଇଟି ସଂଯୋଜକ ସୁନିଲ ସାହୁ, ଜିଲା ଯୁବ ବିଜେଡି ସମ୍ପାଦକ ବିନୋଦ ଦେଶିଆ ନାୟକ, ଖଇରପୁଟ ବ୍ଲକ ଯୁବ ବିଜେଡି ସଭାପତି ରଞ୍ଜନ ପାଙ୍ଗି, ଘସି ପାଙ୍ଗି, ଗଦର ନାୟକ, ଲଚିମ ମୁଦୁଲି, ପିତାମ୍ବର ଗୁରୁତେଲି ପ୍ରମୁଖ ଉପସ୍ଥିତ ଥିଲେ।

# ଆଦିବାସୀ ଜାଗରଣ ମଞ୍ଚ ପକ୍ଷରୁ ବିଭିନ୍ନ ଅଧିକାରୀଙ୍କୁ ଦାବିପତ୍ର

ବୋରିଗୁମ୍ମା,୯।୮(ଡି.ଏନ.ଏ.)

ଆଜି ଥିଲା ବିଶ୍ୱ ଆଦିବାସୀ ଦିବସ। ଏହି ଅବସରରେ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକ ଆଦିବାସୀ ଜାଗରଣ ମଞ୍ଚ ଆଦିବାସୀଙ୍କ ବିଭିନ୍ନ ସମସ୍ୟା ନେଇ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ମଞ୍ଚ ସଭାପତି ସତ୍ୟ ନାରାୟଣ ନାୟକଙ୍କ ନେତୃତ୍ୱରେ ବିଭିନ୍ନ ସମସ୍ୟାର ସ୍ଥାୟୀ ସମାଧାନ ନେଇ ବ୍ଲକ ପ୍ରଶାସନକୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଥମେ ମଞ୍ଚ କର୍ମକର୍ତ୍ତାମାନେ କୃଷି ଅଧିକାରୀଙ୍କୁ ଭେଟି ଚାଷୀଙ୍କ ସମସ୍ୟା ଓ ସାରର ଅଭାବୀ ନେଇ ଦାବିପତ୍ର ଦେଇଥିଲେ।




ଆଦିବାସୀ ଜାଗରଣ ମଞ୍ଚ କର୍ମକର୍ତ୍ତାମାନେ ଦାବିପତ୍ର ଦେଉଛନ୍ତି।

ପରେ ବ୍ଲକ କାର୍ଯ୍ୟାଳୟରେ ଅତିରିକ୍ତ ବିଡ଼ିଓଙ୍କୁ ଭେଟି ଦାବିପତ୍ର ଦେଇଥିଲେ। ପ୍ରଧାନମନ୍ତ୍ରୀ ଆବାସ ଯୋଜନା,ଭତା, ରାଶନକାର୍ଡ ପ୍ରଦାନରେ କିଭଳି ଆଦିବାସୀଙ୍କୁ ଚଞ୍ଚକତା କରି ତାଲିକାରୁ ବାଦ ଦିଆଯାଉଛି ସେସମ୍ପର୍କରେ ଏଥିରେ ଉଲ୍ଲେଖ ଅଛି। ପରେ ସେମାନେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ତହସିଲଦାର ସୁବାସ ଚନ୍ଦ୍ର ରାଇତାଙ୍କୁ ଭେଟି ଆଦିବାସୀଙ୍କ ଜମିକୁ କିଭଳି ସାଧାରଣ ଲୋକେ ନିଜ ଅକ୍ତିଆରକୁ ନେଇ ଆଦିବାସୀଙ୍କ ଉପରେ ଅତ୍ୟାଚାର କରୁଛନ୍ତି ସେନେଇ ଆଲୋଚନା କରି ଦାବିପତ୍ର ଦେଇଥିଲେ। ବୋରିଗୁମ୍ମା ଲ୍ୟାମ୍ପ ଅଧିକାରୀଙ୍କୁ ଭେଟି ମଣ୍ଡି ସମସ୍ୟା ଏବଂ ଠିକ ସମୟରେ ଚାଷୀଙ୍କୁ ସାର ମିଳୁ ନ ଥିବା ଅଭିଯୋଗ କରି ଦାବିପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବ୍ଲକ ଆଦିବାସୀ ଜାଗରଣ ସଂଘ ସଭାପତି, ଉପ ସଭାପତି କୋମୁଳୁ ଜାନି ସମ୍ପାଦକ ଧନପୋତି ନାୟକ, ସମିତି ସଭ୍ୟ ଦାସ ଭତରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

